

Digitized by PPRACHIN, SOA

ମୋକ୍ଷ

ସରୋଜ ମିଶ୍ର

ବିଦ୍ୟାପୁରୀ ।। କଟକ

Digitized by PPRACHIN, SOA

MOKSHYA
by Saroj Mishra
Published by Vidyapuri, Balubazar, Cuttack-753002

ISBN 81-7411-304-5

ପ୍ରଥମ ପ୍ରକାଶ
ଫେବୃୟାରୀ ୨୦୦୦

ପ୍ରକାଶକ
ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ-୭୫୩୦୦୨

ଲିପିସଂଯୋଜନ
ବିଦ୍ୟାଶ୍ରୀ ଡିଟିପି ସେଣ୍ଟର
ଆଲାମଚାନ୍ଦବଜାର, କଟକ ୭୫୩୦୦୨

ପ୍ରଚ୍ଛଦ
ଅସୀମ ବସୁ

ମୁଦ୍ରଣ
ଶ୍ୟାମ ପ୍ରିଣ୍ଟର୍ସ, କଟକ

ମୂଲ୍ୟ ଟ. ୩୫.୦

Digitized by PPRACHIN, SOA

ମୋ ସହଧର୍ମିଣୀ ଆଦରଣୀୟା ନିରୁପମା

ପୁତ୍ର ଶିବାଶିଷ

ଏବଂ

କନ୍ୟା ସୁଶ୍ରୀ ପ୍ରିୟଦର୍ଶିନୀଙ୍କୁ

ନାଟକ 'ମୋକ୍ଷ' ସମର୍ପି ଦେଉଛି ।

ନାଟ୍ୟକାର

Digitized by PPRACHIN, SOA

Digitized by PPRACHIN, SOA

ଏକ ଅନ୍ତରଙ୍ଗ ଉଚ୍ଚାରଣ

'ମୋକ୍ଷ'– ନାଟ୍ୟକାର ସରୋଜ ମିଶ୍ରଙ୍କର ଇତିହାସଭିତ୍ତିକ ଏକ ପରୀକ୍ଷାଧର୍ମୀ ନାଟକ । ଇତିହାସ ହେଉଛି ମଣିଷ ଓ ତା'ର ବିଭିନ୍ନ ଅନୁଷ୍ଠାନର ବିକାଶୋନ୍ମୁଖୀ ଘଟଣାର ଏକ ସମୟ-ସାରଣୀଭିତ୍ତିକ ତଥ୍ୟ । ହିଉକ୍ଲିଟସ୍ ଓ ଏମ୍ପେଡୋକସ୍ ପ୍ରଭୃତି ଗ୍ରୀକ୍ ପଣ୍ଡିତଗଣଙ୍କର ବିଶ୍ୱାସରେ ସମସ୍ତ ଘଟଣା ଚିରନ୍ତନ ରୀତିରେ ଆବର୍ତ୍ତିତ । 'All events moved in an ever lasting cycle' । ଅଗଷ୍ଟାଇନ୍ ଓ ଓରୋସିଅସ୍ଙ୍କ ମତରେ ଏହା ସମୟର ଏକ ସିକ୍ୱ୍ୟେନ୍ସ । ବୋସେଟ୍ଙ୍କ ଦୃଷ୍ଟିରେ ଇତିହାସ ଈଶ୍ୱରଙ୍କ ଅନୁଗ୍ରହର ଏକ ପ୍ରତ୍ୟକ୍ଷ ପ୍ରକାଶ । କିନ୍ତୁ ଭୋଲ୍‌ଟାୟାର ଏପରି ଅନୁଗ୍ରହବାଦରେ ବିଶ୍ୱାସ କରନ୍ତି ନାହିଁ । ତାଙ୍କ ମତରେ ଇତିହାସ ମଣିଷଜାତିର ଏକ ନିରବଚ୍ଛିନ୍ନ ଉତ୍ତରଣର ସ୍ମାରକୀ । ହିଡର, କାଣ୍ଟ ଓ ହିଡୋରେଙ୍କ ମତରେ ମଣିଷଜାତିର ସ୍ୱାଧୀନତାର ଏହା ନିରବଚ୍ଛିନ୍ନ ବିକାଶ । କମ୍‌ଟେଙ୍କ ମତରେ ଇତିହାସ ପୁରାଣରୁ ଧର୍ମର ମାର୍ଗ ଦେଇ ବୈଜ୍ଞାନିକସ୍ତରକୁ ଗତିଶୀଳ । ଆର୍‌ନୋଲ୍‌ଡ ଟଏନ ବି ବିଶ୍ୱାସ କରନ୍ତି ଯେ ପ୍ରତ୍ୟେକ ସଂସ୍କୃତି ତାର ନିର୍ଦ୍ଦିଷ୍ଟ ସମସ୍ୟାକୁ ବା ଅଧୋଗତିକୁ ସମାଧାନ କରିପାରେ, ଆଉ ସେଥିପାଇଁ ମଣିଷର ଭାଗ୍ୟ ଉପରେ ତାର ଅଦୃଶ୍ୟ ନିୟନ୍ତ୍ରଣ ଅଛି । ତେଣୁ ସମ୍ଭବତଃ ସେଇଥିପାଇଁ ରବୀନ୍ଦ୍ରନାଥ ଇତିହାସ ନାମରେ ଯାହା ଲିପିବଦ୍ଧ ତାର ପ୍ରାମାଣିକତା ଉପରେ ବିଶ୍ୱାସ କରନ୍ତି ନାହିଁ । ''ଇତିହାସକୁ କେବଳ ଅକ୍ଷରର ସୀମାବଦ୍ଧତା ଭିତରେ ନୁହେଁ, ଅକ୍ଷରର ଚଉହଦି ବାହାରକୁ ଦୃଷ୍ଟି ପ୍ରସାରଣ କରି ଦେଖିବାକୁ ଚେଷ୍ଟା କରେ । ଯଥାର୍ଥ ଭାବରେ ତାହାକୁ ବୁଝିହୁଏ । ତେଣୁ ଜ୍ଞାନରେ ନୁହେଁ । ପାଠକର କଳ୍ପନାରେ ଐତିହାସିକ ଚରିତ୍ର ଓ ଘଟଣା ଉଦ୍‌ଭାସିତ ହୁଅନ୍ତି ।'' ତେଣୁ ବିଶେଷକରି ଇତିହାସ କେଉଁଠି ନୀରବ ହୋଇଯାଏ, ସେହିଠାରୁହିଁ କଳ୍ପନାର ରାଜରାସ୍ତା ଆରମ୍ଭ ହୋଇଯାଏ । ସେଇଠୁ ଆରମ୍ଭ ହୋଇଯାଏ ଏକ ଐନ୍ଦ୍ରଜାଲିକର ଅପହଞ୍ଚ ରାଜ୍ୟ । ଦିଗନ୍ତବିସ୍ତାରୀ କାହିଁ କେତେଦୂର ଲମ୍ବି ଯାଇଥିବା ଭାବନାର ଭିନ୍ନ ଏକ ପୃଥିବୀ । ସେଠି ଇତିହାସ ନୂଆକରି ଗଢ଼ାହୁଏ । ନୂଆକରି ଲେଖାହୁଏ ସମାଜତତ୍ତ୍ୱ । ବେଳେବେଳେ ନିରୀହ ପାଠକଟିଏ ସେଇ ଇତିହାସକୁ ସମ୍ବଳ କରି ତାରି ଭିତରୁ ବଞ୍ଚିବାର ରାହା ଖୋଜେ । ଆଗକୁ ବଢ଼ିବାର ପ୍ରେରଣା ପାଏ । ସେତେବେଳେ କଳ୍ପନା ଇତିହାସ ପାଲଟି ଯାଏ ! ହଜାର ବର୍ଷ ବ୍ୟବଧାନ ସେଠି ମ୍ଳାନ ହୋଇଯାଏ, ଇତିହାସର ଜୁଲିଅସ୍ ସିଜରଙ୍କୁ ପାଠକ ସେକ୍‌ସପିଅରଙ୍କ ନାଟକ ଭିତରେ ହିଁ ଖୋଜିବସେ ।

Digitized by PPRACHIN, SOA

ସରୋଜ ମିଶ୍ର ଇତିହାସକୁ ସେଇ ଦୃଷ୍ଟିରେ ଦେଖିଛନ୍ତି । ଶିଳାଲେଖର ଭାଷା ତାଙ୍କ ପାଖରେ ଅର୍ଥହୀନ ହୋଇପଡ଼ିଛି । ନୂଆକରି ଗଢ଼ିଛନ୍ତି ସେ କଳିଙ୍ଗର ଇତିହାସ !

'ମୋକ୍ଷ'ରେ କଳିଙ୍ଗର ଇତିହାସକୁ ଏକ ଭିନ୍ନ ଦୃଷ୍ଟିରେ ସେ ତର୍ଜମା କରିଛନ୍ତି । 'ବୃଦ୍ଧ' ଚରିତ୍ର ଭିତରେ ସେ ଯେପରି ଅନ୍ତଃହୀନ ସମୟକୁ ଖୋଜି ପାଇଛନ୍ତି । ଯୋଉ ଇତିହାସକୁ ନେଇ ତମେ ଆଜି ବାହାସ୍ଫୋଟ ମାରୁଛ, ଯୋଉ ଇତିହାସ ତୋଷାମଦରେ ମାତି ଅନ୍ୟର, ଶତ୍ରୁର ସ୍ତୁତିଗାନ କରିଛ, ଯୋଉ ଇତିହାସ ନିଜର ବଂଶ ପରମ୍ପରା, ମାନ, ମର୍ଯ୍ୟାଦା, ପୂର୍ବସୂରିଙ୍କର ଐତିହ୍ୟକୁ ଭୁଲିଯାଇଛି, ମିଛ ମନଗଢ଼ା କାହାଣୀ ଭିତରେ ହଜିଯାଇଛି ସେଇ ଇତିହାସର ଗବେଷକ ! ଏ ସମସ୍ତ ମଗଧ ସମ୍ରାଟ ଅଶୋକଙ୍କ ନିର୍ଦ୍ଦେଶରେ ଲିଖିତ । ଏଇ ପଥରଖୋଦିତ ଶିଳାଲିପିକୁ ପଢ଼ି ତମେ ନିଜକୁ ଭୁଲିଯାଇଛ, ନିଜତ୍ୱକୁ ଜଳାଞ୍ଜଳି ଦେଇଛ, ସ୍ୱାଭିମାନକୁ ଭୁଲିଛ । ଭାବିଲ ଦେଖି, କୁଆଡ଼େ ଗଲେ ତମର ମହାବୀର ପ୍ରତାପୀ ମହାରାଜ କଳିଙ୍ଗାଧିପତି ? କୁଆଡ଼େ ଗଲେ ମହାଦୁର୍ଦ୍ଧର୍ଷ କଳିଙ୍ଗ ସେନାପତି ? କୁଆଡ଼େ ଗଲେ ତମର କଳିଙ୍ଗର ବୀର ପାଇକଗଣ ? ଏଇ ଶିଳାଲିପିରେ କାହାରି ନାଁ ପାଇଛ ? ପରିଚୟ ପାଇଛ ? କାହାରି ପ୍ରତିଭା ବିଷୟରେ ଜାଣିଛ ? ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିବାକୁ ଯୋଉ ଅଗଣିତ କଳିଙ୍ଗବୀର ଜୀବନ ଉତ୍ସର୍ଗ କଲେ ସେମାନେ ମହାନ ନା ମିଛର ଗାଥା ପଥର ବକ୍ଷରେ ଖୋଦିତ କରି ନିଜ ସ୍ୱାର୍ଥର ଯିଏ ଡିଣ୍ଡିମ ପିଟିଛି ସିଏ ମହାନ ? ଦୁର୍ଯ୍ୟୋଧନ ପରି ଚଣ୍ଡାଶୋକ ଶବ ଉପରେ ଦୟାର ରକ୍ତନଦୀ ପାରହୋଇ ଯିଏ କାପୁରୁଷ ପରି ମଗଧ ଫେରିଗଲା, ରାତାରାତି ଧର୍ମାଶୋକରେ ରୂପାନ୍ତରିତ ହୋଇଗଲା ସିଏ ନା କୂଟ ରଣନୀତିର ଶିକାର ହୋଇ ଯୋଉ ଲକ୍ଷ ଲକ୍ଷ ଓଡ଼ିଆ ପାଇକ ଜୀବନ ଦାନ କଲେ ସିଏ ବଡ଼, ମହାନ, ନା ଅଶୋକ ମହାନ ? ଦେଇପାରିବ ଯାର ଉତ୍ତର ?'' ସେଇ ଉତ୍ତରହିଁ 'ମୋକ୍ଷ' । ଇତିହାସର ବିକଳ ପୃଷ୍ଠପଟରେ କଳ୍ପନାର ନୂଆ ଇତିହାସକୁ ନେଇ ଏକ ରୋମାଣ୍ଟିକ କାହାଣୀ ଭିତରେ ପରିକଳ୍ପିତ 'ମୋକ୍ଷ' ।

ଏହି ନାଟକରେ କଳିଙ୍ଗ ଯୁଦ୍ଧର ପରିଣତି ପାଇଁ ଏକ ଯୁକ୍ତିସଙ୍ଗତ ପୃଷ୍ଠଭୂମିର ପରିକଳ୍ପ କରାଯାଇଛି । କଳିଙ୍ଗ ରାଜାଙ୍କର ଯୁଦ୍ଧନୀତି, ଆଦର୍ଶବାଦ ତ ଅଶୋକଙ୍କ ସର୍ବଗ୍ରାସୀ କ୍ଷୁଧା ଏବଂ ଯେକୌଣସି ପ୍ରକାରେ କଳିଙ୍ଗକୁ ପରାଭବ ଦେବାର ସଂକଳ୍ପ ଭିତରେ ସଂଘର୍ଷ ନାଟକକୁ ଗତିଶୀଳ କରିଛି । ଉପଗୁପ୍ତଙ୍କର ବାଣୀ, 'ଏ ଦେହ ପଞ୍ଚଭୂତରୁ ଜାତ । ସୁତରାଂ ଶୋକରେ ଦଗ୍ଧୀଭୂତ ହୋଇ କୋପରେ ଅଶୋକଙ୍କୁ ହତ୍ୟା କରିବାକୁ ଉଦ୍ୟତ ହୁଅ ନାହିଁ । କ'ଣ ପାଇବ ସେଥିରୁ ?

Digitized by PPRACHIN, SOA

ଶାନ୍ତି ? ପାଇବ ଆତ୍ମତୃପ୍ତି ? ନା.... ବରଂ ଆମନ୍ତ୍ରଣ କରିବ ଦୁଃଖ ଯନ୍ତ୍ରଣା, ଅନୁତାପର ମୁଠାମୁଠା ଅବଶୋଷ । ସେତେବେଳେ ଏଇ ସମ୍ରାଟ ଅଶୋକଙ୍କ ପରି ବି ହାତପାଆନ୍ତାରୁ ଖସିଯିବ ଆତ୍ମବଳ, ବିଶ୍ୱାସର ଭିତ୍ତିଭୂମି, ଆଧ୍ୟାତ୍ମିକ ଉତ୍ତରଣର ସମସ୍ତ ସମ୍ଭାବନା ।'' ଭିତରେ ଉପଗୁପ୍ତଙ୍କ ସମେତ କଳିଙ୍ଗର ଦୁର୍ଦ୍ଧର୍ଷ ବୀରଙ୍କର ପ୍ରତିନିଧି ସିଦ୍ଧାର୍ଥଙ୍କର ମହାନତା ମଧ୍ୟ ପ୍ରକଟିତ ହୋଇଛି । ଜନ୍ମାନ୍ତର ବାଦ ଭିତରେ ଅତୀତ ସହିତ ବର୍ତ୍ତମାନକୁ ଯୋଡ଼ିବାର ପ୍ରୟାସ କରିଛନ୍ତି ନାଟ୍ୟକାର । ସୀମାହୀନ ସମୟକୁ ପ୍ରତିକାରକ ଭାବେ 'ବୃଦ୍ଧ' ଚରିତ୍ର ମାଧ୍ୟମରେ ପ୍ରକାଶ କରିବାକୁ ଚେଷ୍ଟା କରିଛନ୍ତି । ଆବଶ୍ୟକସ୍ଥଳେ ସଙ୍ଗୀତ, 'ପଲ୍ଲୀ ଧମ୍ମପଦ'ର ପାଲୀଭାଷାରେ ଲିଖିତ ଶ୍ଳୋକସମୂହର ମାର୍ମିକ ଉଚ୍ଚାରଣ ଓ ଅନ୍ତିମ ଦୃଶ୍ୟରେ ଗୁରୁଶିଷ୍ୟ ପରମ୍ପରାରେ ସିଦ୍ଧାର୍ଥ ଓ ଡଃ ଦାସଙ୍କର ଅଭିବ୍ୟକ୍ତି ଭିତରେ ସେହି ଅତୀତରୁ ବର୍ତ୍ତମାନକୁ ପୁନରାଗମନ ଓ ସଂସ୍କୃତ ଶ୍ଳୋକରେ ନେପଥ୍ୟ-ଉଚ୍ଚାରଣ ନାଟକକୁ ରସୋତ୍ତୀର୍ଣ୍ଣ କରିବାରେ ସାହାଯ୍ୟ କରିଛି । ପ୍ରେମ ଓ ପ୍ରଣୟ, ଐତିହ୍ୟର ଅନୁଶୀଳନ ଓ ଲିଜେଣ୍ଡଧର୍ମୀ ଚରିତ୍ରାବତାରଣା – ଦର୍ଶକମାନଙ୍କୁ ଯେ ବାନ୍ଧିରଖିବାରେ ସହାୟକ ହେବ ଏହା ଅନସ୍ୱୀକାର୍ଯ୍ୟ । ସଂପ୍ରତି କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀର ନାଟକ କର୍ମଶାଳାରେ ଏହି ନାଟକଟି ପଠିତ ଓ ଆଲୋଚିତ ହୋଇ ବହୁ ପ୍ରଶଂସାର ଅଧିକାରୀ ହୋଇପାରିଛି । କଟକଠାରେ ଅନୂଦିତ ଆନ୍ତର୍ଜାତିକ ନାଟକୋତ୍ସବରେ ମଞ୍ଚସ୍ଥ ହୋଇ ଏହାର ସଫଳତା ପ୍ରମାଣ କରିପାରିଛି ।

ଇତିହାସକୁ ଭିନ୍ନ ଦୃଷ୍ଟିରେ ବିଶ୍ଳେଷଣ କରି ସାହିତ୍ୟ ସୃଷ୍ଟି କରିବା ଯେ କୌଣସି ସାହିତ୍ୟରେ ଏକ ବହୁ ପୁରାତନ ପ୍ରକ୍ରିୟା । ସାରଳାଙ୍କ ମହାଭାରତ ମଧ୍ୟ ଏହି ପ୍ରକ୍ରିୟାର ଆଦ୍ୟ ପ୍ରଚେଷ୍ଟା କହିଲେ ସତ୍ୟର ଅପଳାପ ହେବ ନାହିଁ । ସେହିଭଳି କଳିଙ୍ଗ ଯୁଦ୍ଧକୁ ନେଇ ବହୁ କବିତା, ଗଳ୍ପ ଓ ଉପନ୍ୟାସ, ନାଟକ ଓଡ଼ିଆ ସାହିତ୍ୟରେ ଆତ୍ମପ୍ରକାଶ କରିଛି । କିନ୍ତୁ ସରୋଜ ମିଶ୍ରଙ୍କ ଭିନ୍ନ ଦୃଷ୍ଟି ଏହି ପ୍ରଚେଷ୍ଟା ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ପାଇବାକୁ ଯେ ହକ୍‌ଦାର, ଏହା ଏକ ଅବିସମ୍ବାଦିତ ସତ୍ୟ । ହୁଏତ ସେକ୍‌ସପିଅରଙ୍କ ନାଟକରେ ଐତିହାସିକମାନେ ଜୁଲିଅସ ସିଜରଙ୍କୁ ଖୋଜିଲାପରି ଏହି ନାଟକରେ ଯେ ଆଗାମୀ ପିଢ଼ିର ଐତିହାସିକମାନେ ଅଶୋକଙ୍କୁ ନ ଖୋଜିବେ, ସେ କଥା କିଏ କହିବ ?

– ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ

Digitized by PPRACHIN, SOA

Digitized by PPRACHIN, SOA

ନିଜସ୍ୱ ସଂଳାପ....

ନାଟକ କେବଳ ଚିତ୍ତ ବିନୋଦନର ମାଧ୍ୟମ ନୁହେଁ । ନାଟକ ଗଣଚେତନାକୁ ଆକୃଷ୍ଟ କରିବାକୁ ଅମୋଘ ଅସ୍ତ୍ରପରି କାର୍ଯ୍ୟ କରେ । ଅଧୁନା ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଅବକ୍ଷୟ ସମାଜ ଭିତରେ ଅହରହ ମାନବାତ୍ମାର ଯେଉଁ ଅବମାନନା ପରିଲକ୍ଷିତ ହେଉଛି, ତା'ର ନିରାକରଣ ଓ ବ୍ୟକ୍ତି ଜୀବନର ଆତ୍ମସଚେତନ ପାଇଁ ପରିବର୍ତ୍ତିତ ପରିସ୍ଥିତିରେ ସାମାଜିକ ଚିତ୍ର ଟୋଳି ଧରିବାକୁ ନାଟ୍ୟକାରର ସାଧନା, କଳ୍ପନା ଓ ଚରିତ୍ର ଚିତ୍ରଣ ଯେ ବ୍ୟକ୍ତିର ସୃଜନାତ୍ମକ ପରିବୃଦ୍ଧିରେ ନିଶ୍ଚିତ ସହାୟକ ହୁଏ, ତାହା ନିଃସନ୍ଦେହ ।

ମିଶାଣ ଫେଡ଼ାଣର ଗାଣିତିକ ସୂତ୍ରରେ ଛନ୍ଦିହେଇ ନାଟକର ଶେଷ ପରିଣତିକୁ ଅପେକ୍ଷା କଲାବେଳେ ଦର୍ଶକ ଯେ ତା'ର ମାନସିକ ସ୍ଥିତିକୁ ସହଜ କରିବାକୁ ଆସି ପୁଣି ଅଡୁଆ ସୂତାରେ ଗୁଡ଼େଇ ହେଇଯିବ, ତାହା ଠିକ୍ ନୁହେଁ; ଏ କଥା ନାଟ୍ୟକାର ନାଟକଟିଏ ଲେଖିବା ପୂର୍ବରୁ ଭାବିବା ନିହାତି ଅପରିହାର୍ଯ୍ୟ । ନଚେତ୍ ନାଟକଟି ଗଣର ନ ହୋଇ ଜଣର ବା ନାଟ୍ୟକାରର କେବଳ ହୋଇ ରହିଯିବ ।

ନାଟକ ଏପରି ଏକ ମାଧ୍ୟମ ଯାହା ଆମ ଆଖି ସାମ୍ନାରେ କ୍ଷଣକେ ଦେଖାଯାଏ ବା ଆମ ଆଖି ଆଗରେ ଚାଲେ । ଏହା ନିଶ୍ଚିତ ଭାବରେ ଶକ୍ତିଶାଳୀ ପ୍ରଭାବପୂର୍ଣ୍ଣ ଗଣମାଧ୍ୟମ । ଦର୍ଶକ ନିଜେ ସ୍ୱୟଂସିଦ୍ଧଭାବେ ଘଟଣାର ଉପଲବ୍ଧି କରେ, କଳ୍ପନାଚାତୁରୀ ବା ରୂପକଳ୍ପ ଦର୍ଶକ ପାଖରେ ଗୌଣ ହେଇଯାଏ ।

ଅନ୍ୟପକ୍ଷରେ ମଞ୍ଚରେ ନାଟକ ନ ଦେଖି ପାଠକ ହୋଇ ନାଟକ ବହିଟିଏ ପଢ଼ିବସେ, ଯଦି ଭଲଲାଗେ ତେବେ ନାଟକର ଗତିଶୀଳ ପ୍ରଭାବ ମଧ୍ୟରେ ପାଠକଟି ଚରିତ୍ର ଭିତରେ ନିଜକୁ ମିଶେଇଦିଏ, ସ୍ୱତଃ କେତେବେଳେ ନାଟକ ଭିତରେ ଚରିତ୍ର ହେଇଯାଇଛି ତାହା ପାଠକ ନିଜେ ଜାଣିପାରେ ନାହିଁ । କିନ୍ତୁ ଏହାର ବ୍ୟତିକ୍ରମ ଆସେ ଯେଉଁଠି ଗୁରୁତ୍ୱହୀନ କାହାଣୀ ସେଇଠି, ଉପଯୋଗହୀନ ଘଟଣା ଓ ଦ୍ୱନ୍ଦ୍ୱର ବିଚ୍ୟୁତି ଘଟିଥାଏ, ଫଳରେ ନାଟକ ଦର୍ଶକ ପାଖରୁ ଦୂରେଇଯାଏ ।

ଓଡ଼ିଆ ନାଟକ ଶତବାର୍ଷିକୀ ପରେ ଆମେ ଦୁଇଟି ଦଶକ ଆଗକୁ ଯାଇଛେ । ମୋଟେ ଶହେକୋଡ଼ିଏ କି ପଚିଶ ବର୍ଷର ଓଡ଼ିଆ ନାଟକ । ଅନେକ ଭାବନା-ଅନ୍ତର୍ଭାବନା ଓ ଦୃଷ୍ଟି-ଅନ୍ତର୍ଦୃଷ୍ଟି ଦେଇ ନାଟକ ଲେଖାଯାଇଛି । ଦର୍ଶକଙ୍କୁ

Digitized by PPRACHIN, SOA

ଆମୋଦିତ ମଧ୍ୟ କରାଯାଇଛି । କିନ୍ତୁ ଅଧୁନା ପରିବର୍ତ୍ତିତ ପରିସ୍ଥିତିରେ ଯେତିକି ପରିମାଣରେ ଦର୍ଶକଙ୍କୁ ଆମ ରଙ୍ଗମଞ୍ଚ ଆକର୍ଷିତ କରିବା କଥା ତାହା ବିଭିନ୍ନ କାରଣରୁ ସକ୍ଷମ ହୋଇ ନାହିଁ । ଯେଭଳି ଅନ୍ୟାନ୍ୟ ଭାଷାଭାଷୀ ଦର୍ଶକଙ୍କୁ ସେମାନଙ୍କ ମଞ୍ଚ ଜାବୋଡ଼ି ଧରିଛି ବା କାବୁ କରିଛି । ଊନବିଂଶ ଶତାବ୍ଦୀର ସପ୍ତମ ଦଶକରେ ଓଡ଼ିଶାରେ ଏକମୁଖୀ ରଙ୍ଗମଞ୍ଚର ଆତ୍ମପ୍ରକାଶ ହୋଇଛି । ସମଗ୍ର ଦେଶରେ ଏହି ମଞ୍ଚ ଯେଉଁଭଳି ପାଶ୍ଚାତ୍ୟ ପ୍ରଭାବରୁ ସୃଷ୍ଟି ହେଇଥିଲା ସେପରି ଓଡ଼ିଆ ରଙ୍ଗମଞ୍ଚରେ ବି ହୋଇଥିଲା, କିନ୍ତୁ ଏହି ପ୍ରଭାବ ସିଧାସଳଖ ଇଂରାଜୀ ନାଟକରୁ ନ ଆସି ବଙ୍ଗଳା ନାଟକ ବାଟ ଦେଇ ଆସିଥିଲା । ଏହା ପ୍ରତ୍ୟୟ ହୁଏ ଯେ ପ୍ରାୟତଃ ସେ ସମୟରେ ଅବସ୍ଥା ଯାହା ଥିଲା ସେତେ ବେଶୀ ଆଖିଦୃଶିଆ ପରିବର୍ତ୍ତନ ହୋଇ ନାହିଁ । କୁହାଯାଏ ଇଲେକ୍‌ଟ୍ରୋନିକ୍ସ ଗଣମାଧ୍ୟମର ଅଧିକ ପ୍ରସାର ଫଳରେ ଏ ସମସ୍ୟା ଆସିଛି କିନ୍ତୁ ଏହା ସମ୍ପୂର୍ଣ୍ଣ ଭ୍ରାନ୍ତ ଧାରଣା । ତୁଳନାତ୍ମକ ଦୃଷ୍ଟିରୁ ବିଶ୍ୱର ଅଧିକାଂଶ ସହରଗୁଡ଼ିକରେ ଏହାର ବହୁଳ ପ୍ରଚଳନ ସତ୍ତ୍ୱେ ବି ନାଟକ ତାର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି । ଓଡ଼ିଆ ନାଟକରେ କ୍ରମଶିଥିଳତା ପାଇଁ ନାଟ୍ୟକାରଠୁଁ ମଞ୍ଚଶିଳ୍ପୀ, ଦର୍ଶକ ଓ ପୃଷ୍ଠପୋଷକ ପର୍ଯ୍ୟନ୍ତ ସମସ୍ତେ ଅଳ୍ପବହୁତେ ବିପର୍ଯ୍ୟୟ ପାଇଁ ଦାୟୀ ।

ସ୍ୱାଧୀନତାର ପଚାଶ ବର୍ଷ ଓଡ଼ିଆ ନାଟକ କ୍ଷେତ୍ରରେ ସ୍ୱଳ୍ପ ସମୟ ନୁହେଁ । ଏହି ସମୟରେ ଓଡ଼ିଆ ସାହିତ୍ୟର ଅନ୍ୟ ବିଭାଗରେ ଆଖିଦୃଶିଆ ସଫଳତା ଅନେକ ସ୍ତରରେ ମିଳିଥିଲେ ବି ନାଟକ କ୍ଷେତ୍ରରେ ଆଶାନୁରୂପ ସଫଳତା କାହିଁକି ମିଳିଲା ନାହିଁ । ତା'ର କାରଣ ଖୋଜିବାର ପ୍ରକୃଷ୍ଟ ସମୟ ଏବେ ଉପନୀତ । ବିଗତ ପାଞ୍ଚୋଟି ଦଶକର (ମଞ୍ଚ ଓ ବେତାର) ସମେତ ସମସ୍ତ ଓଡ଼ିଆ ନାଟକର ଗୁଣାତ୍ମକ ମାନର ରେଟିଙ୍ଗ କରିବା ଆବଶ୍ୟକ । ଓଡ଼ିଆ ଜନ-ଜୀବନର ଚଳଣି, ନୀତି, ଆଦର୍ଶ, ପରମ୍ପରା ଓ ଘଟଣା ଅଘଟଣକୁ ନେଇ ଆମ ନାଟକର ସ୍ଥିତି ସମ୍ପର୍କରେ ଏକ ପୁଙ୍ଖାନୁପୁଙ୍ଖ ବ୍ୟବଚ୍ଛେଦ କରି ଉପଯୁକ୍ତ ମୂଲ୍ୟାଙ୍କନ କରିପାରିଲେ ତାହା ନିଶ୍ଚୟ ନାଟକର ବିକାଶରେ ସହାୟକ ହେବ । ସ୍ୱାଧୀନତାର ଆଲୋକ ଯେତେବେଳେ ସମଗ୍ର ଦେଶରେ ତା'ର କିରଣ ବିଚ୍ଛୁରିତ କଲା ସେତେବେଳେ ସମସ୍ତଙ୍କପରି ଓଡ଼ିଆ ନାଟ୍ୟକାରମାନଙ୍କର ମଧ୍ୟ କିଛି ଆଶା ଓ ବିଶ୍ୱାସ ଜନ୍ମିଥିବାର ଦୃଷ୍ଟିକୁ ଆସେ । ଆଶା କରାଯାଉଥିଲା ଯେ ରାଜନୈତିକ ସ୍ୱାଧୀନତା, ଜୀବନର ନୂତନ ବୃହତ୍ତର ମୂଲ୍ୟବୋଧଗୁଡ଼ିକୁ ଆବିଷ୍କାର କରି ବ୍ୟକ୍ତିର ବହୁ ଅବଦମିତ ପ୍ରତିଭାର ପରିପ୍ରକାଶ କରିବ । କିନ୍ତୁ ଯାହା ଆଶା କରାଯାଉଥିଲା ବା ସମାଜ ସଂସ୍କାର ପାଇଁ ଯେଭଳି ଉଦ୍ୟମ ନାଟକରେ ଉପଲବ୍ଧ ହେବା କଥା, ତାହା

Digitized by PPRACHIN, SOA

ଉଦ୍‌ଭଟ ବା ଅସଙ୍ଗତ ନାଁରେ ହିଁ ଫିକା ପଡ଼ିଗଲା । ବରଂ ଯେଉଁ ଅନ୍ଧବିଶ୍ୱାସ, କୁସଂସ୍କାର, ଓଡ଼ିଆମାନଙ୍କୁ ହୀନମ୍ମନ୍ୟତା ଆଡ଼କୁ ଟାଣିନେଉଛି ତାହା ଅନ୍ତର କରିବାକୁ ସେଭଳି ଶକ୍ତିଶାଳୀ କାଳଜୟୀ ନାଟକଟିଏ ଦେଖିବା ପ୍ରାୟ ଦୁର୍ଲଭ ହୋଇପଡ଼ିଲା ।

ଓଡ଼ିଆ ଜାତି ଏକ ଦୁର୍ଦ୍ଧର୍ଷ, ଦୁଃସାହସିକ କଳାପ୍ରିୟ ଜାତି । ଆମ ସଂସ୍କୃତିର ପ୍ରତି କୋଣ ଅନୁକୋଣରୁ ନିଃସୃତ ହେଉଛି ଜୀବନର ନାଟ୍ୟରସ । ଏଠି ସମସ୍ତେ କଳାର ପୂଜାରୀ । ଏହାର ପ୍ରମାଣ ମିଳିଛି ଖଣ୍ଡଗିରିର ଖଣ୍ଡିତ ପଥରର ଖୋଦିତ ଭାସ୍କର୍ଯ୍ୟରେ, ଗଣନାଟ୍ୟ ଛବିରେ । କାଳସ୍ରୋତରେ ଓଡ଼ିଆ ଜାତୀୟ ଜୀବନର କର୍ମପ୍ରବଣତା, କର୍ତ୍ତବ୍ୟନିଷ୍ଠା, ଉଲ୍ଲାସ, ଜୀବନଦର୍ଶନ ଓ ଆଚରଣ କ୍ରମଶଃ ଆଳସ୍ୟ, କର୍ତ୍ତବ୍ୟହୀନତା ଓ ଉଦାସୀନତା ଆଡ଼କୁ ଗତି କରିଛି । ନ ହେଲେ ହୁଏତ ବହୁ ମୌଳିକ କାଳଜୟୀ ନାଟକ ଓଡ଼ିଆ ସାହିତ୍ୟର ଏହି ବିଭାଗକୁ ଋଦ୍ଧିମନ୍ତ କରୁଥାଆନ୍ତା । ସହସ୍ର ବର୍ଷର ପରାଧୀନତାର ପ୍ରଭାବରେ ଆମର ଚିନ୍ତାଧାରା କଳୁଷିତ ହୋଇଯାଇଛି । ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତି ସହିତ ଅନୁକରଣ ପ୍ରବଣତାରୁ ଓଡ଼ିଆ ନାଟ୍ୟକାର ଗୁଡ଼ାଏ ଅପସଂସ୍କୃତିକୁ ହିଁ ନାଟକ ଜରିଆରେ ଦର୍ଶକ ନିକଟରେ ପହଞ୍ଚାଇଦେଇ ଲଜ୍ଜାବୋଧ କରୁ ନାହିଁ । ଘଟଣାକ୍ରମରେ ଦ୍ୱନ୍ଦ୍ୱ ଓ ସଂଘାତର ଆବର୍ତ୍ତ ଓ ବିବର୍ତ୍ତ ଦେଇ ନାଟକୀୟ ବିଷୟବସ୍ତୁକୁ ଚରମ ପରିଣତିରେ ପହଞ୍ଚେଇବାରେ ନାଟ୍ୟକାରର ପ୍ରୟାସ ପ୍ରାୟତଃ ବ୍ୟର୍ଥ ହୋଇଛି । ଦର୍ଶକମାନେ ସାମୟିକଭାବରେ ମୋହଗ୍ରସ୍ତ ହୋଇପଡ଼ିଥିବାରୁ ଦର୍ଶକଠାରୁ ମୂଲ୍ୟବୋଧ ଆଶା କରିବା ବୃଥା ।

ଏଣୁ ନିଜସ୍ୱ ମୌଳିକ ପାଣିପବନ ଓ ନିଜ ମାଟିର ଗତିଧାରାକୁ ନେଇ ନାଟ୍ୟକାର ତା'ର ସୃଷ୍ଟିରେ ଗଭୀର ନିଷ୍ଠା ଓ ଉଦ୍ୟମରେ ନିୟୋଜିତ ହେଲେ ନିଶ୍ଚୟ ଅବସ୍ଥା ସୁଧୁରିଯିବ ।

ସମାଜରେ ମାନବିକ ମୂଲ୍ୟବୋଧ, ଐତିହ୍ୟ ଓ ପରମ୍ପରା ରକ୍ଷା କରିବାର ଗୁରୁଦାୟିତ୍ୱ ବହନ କରିବାର ଦାୟିତ୍ୱ ପ୍ରତିଶ୍ରୁତିବଦ୍ଧତା ଧୀରେ ଧୀରେ ହ୍ରାସ ପାଉଥିବା ବେଳେ କଳିଙ୍ଗର ପୂର୍ବ ଐତିହ୍ୟ, ବୀରତ୍ୱ ଓ ସ୍ୱାଭିମାନକୁ ପୁନଃ ଉତ୍କୀର୍ଣ୍ଣ କରିବା ମୋ' ନାଟକର ସୃଷ୍ଟି । ନାଟକଟିର ସମୟସୀମା ଦୁଇ ଘଣ୍ଟା । ଏହାର ସୀମିତ କଳେବର ପ୍ରଥମେ ପ୍ରତିଷ୍ଠିତ ପତ୍ରିକା ଝଙ୍କାରରେ ପ୍ରକାଶିତ ହୋଇଛି ।

ଓଡ଼ିଆମାନଙ୍କର ଆତ୍ମଅଭିମାନ ଆଉ ସ୍ୱାଭିମାନ ରକ୍ଷା ଦିଗରେ ସାମାନ୍ୟ ପରିବର୍ତ୍ତନ ଆଣିବାରେ ନାଟକଟି ଯଦି ଲାଗିପାରେ ତେବେ ଶ୍ରମ ସାର୍ଥକ ହେବ ବୋଲି ଜାଣିବି ।

Digitized by PPRACHIN, SOA

ସାହିତ୍ୟାନୁରାଗୀ, ସ୍ୱନାମଧନ୍ୟ ପ୍ରକାଶକ ଶ୍ରୀ ପୀତାମ୍ବର ମିଶ୍ର, ଯାହାଙ୍କ ସ୍ନେହ ସଦିଚ୍ଛା କେବେବି ଭୁଲିବାର ନୁହେଁ । ତାଙ୍କୁ କୃତଜ୍ଞତା ଦେବା ମୋ ପକ୍ଷେ ଧୃଷ୍ଟତା ହେବ । ବରେଣ୍ୟ କବି 'ଝଙ୍କାର'ର ସଂପାଦକ ଶ୍ରୀ ସରୋଜ ରଞ୍ଜନ ମହାନ୍ତି, ନାଟ୍ୟ ନିର୍ଦ୍ଦେଶକ ଶ୍ରୀ ଅକ୍ଷୟ କୁମାର ମହାନ୍ତି (କାଶ୍ୟପ), ଶ୍ରୀ ରାଇଚରଣ ଦାସ, ବନ୍ଧୁ ଗାଳ୍ପିକ ଲଳିତନିବନ୍ଧକାର ଓ ସମାଲୋଚକ ଶ୍ରୀ ଅଜିତ କୁମାର ତ୍ରିପାଠୀ, ନାଟ୍ୟକାର ପ୍ରାଧ୍ୟାପକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, କବି ଶ୍ରୀ ରମାକାନ୍ତ ରାଉତ, ଔପନ୍ୟାସିକ ଶ୍ରୀ କାଳିପ୍ରସାଦ ଦାସ, ବିଶିଷ୍ଟ ମଞ୍ଚଅଭିନେତା ଶ୍ରୀ ପ୍ରଫୁଲ୍ଲ କୁମାର ମହାନ୍ତି, ଅନୁଜପ୍ରତିମ ଉଦୀୟମାନ ସମାଲୋଚକ, ଗାଳ୍ପିକ, ସ୍ତମ୍ଭକାର ଶ୍ରୀମାନ ଗୋବିନ୍ଦଚନ୍ଦ୍ର ଚାନ୍ଦଙ୍କୁ ଏହି ଅବସରରେ ସ୍ମରଣ କରୁଛି ଓ ଆନ୍ତରିକ କୃତଜ୍ଞତା ଜଣାଉଛି ।

ନାଟ୍ୟକାର

Digitized by PPRACHIN, SOA

ଚରିତ୍ର

ପ୍ରଫେସର ଡଃ ଦାସ

ବୃଦ୍ଧ

ସିଦ୍ଧାର୍ଥ

ମୁକ୍ତିକାନ୍ତ/ଡଗର

କଳିଙ୍ଗ ମହାରାଜ

ଶକ୍ତିଧର

ଶତ୍ରୁଜିତ୍

ସର୍ଦ୍ଦାର/ଗୁପ୍ତଚର

ସମ୍ରାଟ ଅଶୋକ

ବୃଷକେତୁ

ଉପଗୁପ୍ତ

ଚିତ୍ରଲେଖା

ତିଳୋତ୍ତମା

ବୃଦ୍ଧା

Digitized by PPRACHIN, SOA

ପ୍ରଥମ ଦୃଶ୍ୟ

[ପ୍ରଫେସର ଡଃ ଦାସଙ୍କ ଡ୍ରଇଂ ରୁମ୍ – ଥାକରେ ଅନେକ ବହି – ଫୋନ୍ ରିଂ ଆସିଛି – ରିସିଭର ଉଠେଇଛନ୍ତି ଡଃ ଦାସ]

ଡଃ ଦାସ – ହ୍ୟାଲୋ....
ନା,....ନା....
ଯା ପଛରେ ମୋର କିଛି କୃତିତ୍ୱ ନାହିଁ ।
ସବୁ କୃତିତ୍ୱ ସିଦ୍ଧାର୍ଥର....
ତା'ର ନିଷ୍ଠା, ଏକାଗ୍ରତା ଆଉ ଅକ୍ଳାନ୍ତ ପରିଶ୍ରମ
ତାକୁ ଏ ସମ୍ମାନର ଅଧିକାରୀ କରିଛି....
ହଁ....ହଁ
ଆପଣଙ୍କ ଅଭିନନ୍ଦନ କଥା ମୁଁ ସିଦ୍ଧାର୍ଥକୁ ଜଣେଇଦେବି....
(ସିଦ୍ଧାର୍ଥ ଆସି ପ୍ରଣାମ କରିଛି)
ଏଇତ ସିଦ୍ଧାର୍ଥ ଆସି ଯାଇଛି....
ତାକୁଇ ଫୋନ୍ ଦେଉଛି.... କଥା ହୁଅନ୍ତୁ....
ନିଅ ସିଦ୍ଧାର୍ଥ, ତମର ଫୋନ୍....

ସିଦ୍ଧାର୍ଥ – ଫୋନ୍ ? କିଏ କରିଛନ୍ତି ସାର୍ !

ଡଃ ଦାସ – ଆଗ କଥା ହୁଅ.... ତମ ପାଇଁ ଅଭିନନନ୍ଦନ
(ରିସିଭର ବଢ଼େଇଦେଲେ)

ସିଦ୍ଧାର୍ଥ – (ରିସିଭର ନେଇ) ହ୍ୟାଲୋ....
ହଁ....
ନମସ୍କାର.... ଧନ୍ୟବାଦ....
ହେଲେ ଏ ସମ୍ମାନର ଅଧିକାରୀ ମୁଁ ଏକା ନୁହଁ....
ସାର୍‌ଙ୍କର ଦାନ ଅନେକ....
ତା'ଛଡ଼ା ଆହୁରି ଅନେକଙ୍କର ସାହାଯ୍ୟ ମୁଁ ନେଇଛି....
ସେମାନେ ସମସ୍ତେ ଏ ସମ୍ମାନର ଅଂଶୀଦାର...
ନମସ୍କାର । (ରିସିଭର ରଖିଲା)

Digitized by PPRACHIN, SOA

ଡଃ ଦାସ – Really Siddhartha, I am proud of you. ତମ ଗାଇଡ୍ ଭାବରେ ବହୁତ ଫୋନ୍ ମୋ ପାଖକୁ ଆସୁଛି । ହେଇ ଦେଖ – ସବୁ ପେପର୍‌ରେ ପ୍ରାୟ ବକ୍ସ ନିଉଜ୍ ତମେ ଏ ଦେଶର ଗର୍ବ.... ଏ ଦେଶର ଗୌରବ ।

ସିଦ୍ଧାର୍ଥ – ମୋର ଏଇ ସଫଳତା ପଛରେ,
ଆପଣଙ୍କ ଅବଦାନ....

ଡଃ ଦାସ – ଖାଲି ଅବଦାନ ନୁହେଁ;
ପ୍ରଚ୍ଛନ୍ନ ଆଶୀର୍ବାଦ ରହିଛି ସିଦ୍ଧାର୍ଥ !
ମୁଁ କାଲି ରାତିରେ ମିଟିଂରୁ ଆସିବା ପରେ ପରେ
ଡଃ ମର୍ଫିଙ୍କ ସହ କଥା ହଉଥିଲି ଫୋନ୍‌ରେ –
ତମେ ଷ୍ଟେଟସ୍ ଯିବ –
ଭିସା ପାସପୋର୍ଟ ପାଇଁ ଆଜି ଆପ୍ଲାଏ କରିଦିଅ –
ଯେତେ ଶୀଘ୍ର ତମେ ଫ୍ଲାଇଟ ଧରିବ ସେତେ ଭଲ –
ଆଉ ହଁ, ଆଗରୁ ଯେତେ ପବ୍ଲିକେଶନ ତମର ରହିଛି –
ସବୁ ସାଥିରେ ନବ ।
ମନେକରି ।

ସିଦ୍ଧାର୍ଥ – କାଲି ଦିଲ୍ଲୀ ପବ୍ଲିସରଙ୍କଠୁଁ ଫୋନ୍ ଆସିଛି –

ଡଃ ଦାସ – ଦରକାର ନାହିଁ,
ଆନ୍ତର୍ଜାତିକ ସ୍ତରରେ ସମ୍ମାନୀତ ହେବାକୁ ଯଦି ଚାହଁ;
ତେବେ ମୁଁ ଯାହା କହୁଛି, କର ।
ଦେଖିବ ସିଦ୍ଧାର୍ଥ, ତମ ପ୍ରତିଭାର କାହାଣୀ ଚାରିଆଡ଼େ ପ୍ରସାରିତ ହେବ ।

ସିଦ୍ଧାର୍ଥ – ସାର୍ ।

ଡଃ ଦାସ – (କଥାର ମୋଡ଼ ବଦଳାଇ) ମୋ କନଭୋକେସନ ଆଡ୍ରେସ୍‌ଟା କୁଆଡ଼େ ଭାରି ଜମିଲା ।

Digitized by PPRACHIN, SOA

ସିଦ୍ଧାର୍ଥ – ସାର୍ !

ଡଃ ଦାସ – ହୁଁ;
(ପୃଷ୍ଠ ମଞ୍ଚରୁ କେବଳ ଡଃ ଦାସଙ୍କ କଣ୍ଠସ୍ୱର)
"ଏଇ ହାତରେ କେତେ ଛାତ୍ରଙ୍କୁ ଗଢ଼ିଛି
ବୟସ ହେତୁ ଭୁଲିଗଲିଣି ।
ଅନେକଙ୍କର ନାଁ ଭୁଲିଯାଇଥିଲେ ବି ମୁହଁ ମନେ ଅଛି
ଆଉ କାହାରି କାହାରି ମୁହଁ କି ନାଁ ବି ମନେ ନାହିଁ ।
କିନ୍ତୁ ସିଦ୍ଧାର୍ଥ;
ମୋ ନାତି ବୟସର
କେବଳ ତା'ର ନାଁ ନୁହେଁ;
ସମଗ୍ର ସତ୍ତା ମୋ ମନରେ ସବାର ହେଇଛି ।
ମୁଁ ଜଣେ ନାସ୍ତିକ –
ମୋର ପୂର୍ବ ଜନ୍ମ-ପରଜନ୍ମରେ ବିଶ୍ୱାସ ନ ଥିଲା
କିନ୍ତୁ ସିଦ୍ଧାର୍ଥର ସନ୍ଦର୍ଭରୁ ଯେତିକି ଜାଣିଲି
ମୋ ଧାରଣା ପୂରାପୂରି ବଦଳି ଗଲା ।"

ସିଦ୍ଧାଥ – ଟି.ଭି.ରେ ଆପଣଙ୍କର ଏଇ କଥାର ବିବରଣୀ, ସାର୍ ବାରମ୍ବାର ଦେଖାଉଛି ।

ଡଃ ଦାସ – ସତରେ ସିଦ୍ଧାର୍ଥ !
ମୁଁ ଆଜି ଆନନ୍ଦରେ ବିଭୋର ।
ତମେ ମୋର ଅନେକ ଛାତ୍ରଙ୍କଠୁଁ ଭିନ୍ନ
ତମେ ଗବେଷକ ଭାବରେ
ଯୋଉ ଶୀର୍ଷଦେଶ ଆଜି ଛୁଇଁଛ, ଭାବିଲ ଦେଖି !
କେତେଜଣଙ୍କ ଭାଗ୍ୟରେ ଏମିତି ଯୁଟିଛି ?

ସିଦ୍ଧାର୍ଥ – (ଲାଜେଇ ଯାଇଛି)
ସେଦିନ; ମତେ ଧଉଳିରେ ଏକଲା ଛାଡ଼ି ନ ଆସିଥିଲେ;
ଶତଚେଷ୍ଟା କରିଥିଲେ ବି ଏଇ ଇତିହାସ ଲେଖା ହୋଇ ନ ଥାଆନ୍ତା;

ଡଃ ଦାସ – ତା ତ ତମର ଭାଗ୍ୟ ।

ସିଦ୍ଧାର୍ଥ – ସାର୍
ଆପଣ ତେବେ ଭାଗ୍ୟକୁ ବିଶ୍ୱାସ କଲେଣି ?

Digitized by PPRACHIN, SOA

ଡଃ ଦାସ — ତମ ସନ୍ଦର୍ଭ;
ଯିଏ ବି ଥରେ ପଢ଼ିବ ସିଏ ବିଶ୍ୱାସ ନ କରି ରହିପାରିବନି —
ମୋର ଠିକ୍ ମନେ ଅଛି
ତମେ ସେଦିନ;
ମତେ ମିଛ କହି ତମ ମାମୁଁ ଘର ପାଖ କହି ଧଉଳିରେ
ରହିଗଲ, ଆଉ ଆମେ ଫେରିଆସିଲୁ....

ସିଦ୍ଧାର୍ଥ — ମୁଁ ଯଦି ମିଛର ଆଶ୍ରୟ ନ ନେଇଥାଆନ୍ତି; ତା'ହେଲେ....

ଡଃ ଦାସ — ତେବେ ସେଇ ପାରମ୍ପରିକ ରୀତିରେ
ତମ ଗବେଷଣା ହେଇଥାଆନ୍ତା ।
ତମ ସାଥିରେ ଅନ୍ୟମାନେ ତ ଗବେଷଣା କରୁଥିଲେ,
ସେମାନଙ୍କ କଥା ଚିନ୍ତା କଲ ?
ସେଥିରୁ କେତେ ଜଣ ତମ ପରି ସଫଳ ହେଲେ ?

ସିଦ୍ଧାର୍ଥ — ଏ ପର୍ଯ୍ୟନ୍ତ କେହି ଜଣେହେଲେ ପେପର୍ ସବମିଟ୍ କରିନାହାନ୍ତି —
ମୁଗୁନି ପଥରର ଛୋଟ ଛୋଟ ପାହାଡ଼
ପାଖରେ ଖୋଦିତ ଶିଳାଲିପି ଗୁଡ଼ିକୁ ଦେଖାଇ
ଗୋଟି ଗୋଟି କରି ତାର ମର୍ମାନୁବାଦ ଆପଣ କରିଚାଲିଥାଆନ୍ତି
ସମସ୍ତେ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଥାଆନ୍ତି —

ଡଃ ଦାସ — କିନ୍ତୁ ମୁଁ ଲକ୍ଷ୍ୟ କରିଛି —
ତମେ ଥିଲ ସେଦିନ ଭାବଗମ୍ଭୀର ।

ସିଦ୍ଧାର୍ଥ — ପ୍ରଗଲ୍‌ଭ ଥିଲେ, ଅଜୟ, ପ୍ରମୋଦ, ସଞ୍ଜୟ, ଅଳକା ଆଉ
ପ୍ରିତିନନ୍ଦା ।

ଡଃ ଦାସ — ତମେମାନେ ଚାଲି ଚାଲି, ଚାଲିଗଲ
ସୁଉଚ୍ଚ ଶୁଭ୍ର ଶାନ୍ତିସ୍ତୁପ,
କ୍ଲାନ୍ତିବଶତଃ ମୁଁ ପଥର ଚଟାଣ ଉପରେ ବସି
ତମମାନଙ୍କୁ ଲକ୍ଷ୍ୟ କରୁଥାଏ —

ସିଦ୍ଧାର୍ଥ — ମୁଁ ସେଇଠି ରହିଗଲି,
ସାରା ରାତି ମୁଁ ଉଜାଗରରେ ସେଇଠି ବିତେଇଦେଲି —
ରାତିର ନିର୍ଜନ ପରିବେଶ,
ଝିଙ୍କାରିର ଝିଁ ଝିଁ ଡାକ
ଡାଆଣିଆ ଜହ୍ନର ରୂପେଲି ଝାପ୍‌ସା ଝାପ୍‌ସା କିରଣ
ସାମ୍ନାରେ ଦୟାନଦୀର ସୁନୀଳ ଜଳରେ ତାରାର ଝଲମଲ
ପ୍ରତିଫଳନ ।

Digitized by PPRACHIN, SOA

ଡଃ ଦାସ – ତମେ ଯେତେଥର ଏ ବିଷୟରେ ମତେ କହିଛ
ମତେ ନୂଆଲାଗିଚି –
ତମର ବଳିଷ୍ଠ ଯୁକ୍ତି ପାଖରେ;
ମୋର ତର୍କ....

ସିଦ୍ଧାର୍ଥ – ସେଇ ତର୍କର ସନ୍ଦେଶ ହିଁ ମୋ ଥେସିସ୍‌ର ବିଷୟବସ୍ତୁ, ସାର୍ !

ଡଃ ଦାସ – Excellent; ଛାତ୍ର ଓ ଶିକ୍ଷକର ଏଇ ସମନ୍ୱୟ ହିଁ
ଅନେକ ବଡ଼ ବଡ଼ ତଥ୍ୟ ଓ ରହସ୍ୟକୁ ଉନ୍ମୋଚନ କରିଦେଇଛି –

ସିଦ୍ଧାର୍ଥ – ହଁ ସାର୍ !
ଅନନ୍ୟ ସେ ଅନୁଭୂତି
ନୂଆ ରହସ୍ୟ, ନୂଆ ଅନୁଭବ,
ଜଣାଅଜଣା ଚରିତ୍ର ସହ
ମୁଁ ଯେମିତି ଅନ୍ତରଙ୍ଗ ହୋଇଯାଉଥାଏ
ଏଇ ସାର୍ !
ଆପଣ ଦେଖନ୍ତୁ –
ଦୟାନଦୀ କେମିତି କାନ୍ଦି କାନ୍ଦି ଫୁଲି ଉଠିଛି
ଆଉ ଖୋଜି ଚାଲିଛି ଏଇ କଳିଙ୍ଗ ମାଟିର ଉତ୍ତର ପୁରୁଷଙ୍କୁ –
ଏଇ ଜାତିର ଉତ୍ତର ଦାୟାଦମାନଙ୍କୁ –
ଆଗରେ ପୁରୁଣା ମନ୍ଦିର,
ନଇବନ୍ଧ ଉପରୁ ସେଇ ଛାଇ ଆଲୁଅ ଭିତରେ
ହେଇ ସ୍ୱଷ୍ଟ ହେଇଯାଉଛି ନାରୀ ମୂର୍ତ୍ତିଟି –
ପୁଣି ଅସ୍ୱଷ୍ଟ ହେଇଗଲା
ଏଇ ଆହୁରି ସ୍ୱଷ୍ଟ ଶୁଣାଯାଉଛି ତା'ର କାନ୍ଦଣା –
(ଆଲୋକର ଆବର୍ତ୍ତରେ ଅତୀତକୁ ଯିବାବେଳେ ଆରମ୍ଭ ହୁଏ
ଦ୍ୱିତୀୟ ପର୍ଯ୍ୟାୟ)

Digitized by PPRACHIN, SOA

ଦ୍ୱିତୀୟ ଦୃଶ୍ୟ

[ପୁରୁଣା ମନ୍ଦିର— ଦୟାର ନଦୀଗର୍ଭ— ସନ୍ନିକଟ ନଦୀବନ୍ଧ— ହଠାତ୍ ନାରୀର କ୍ରନ୍ଦନସ୍ୱର ଶୁଣି ସିଦ୍ଧାର୍ଥ ଆଶ୍ଚର୍ଯ୍ୟ ହେଇ ଖୋଜି ଚାଲିଛି— ଭଗ୍ନ ମନ୍ଦିରର ଚଟାଣରେ ବୃଦ୍ଧଜଣେ ଶୋଇଛନ୍ତି— ପୃଷ୍ଠ ମଞ୍ଚରୁ ନାରୀର କ୍ରନ୍ଦନସ୍ୱର ।]

ସିଦ୍ଧାର୍ଥ— କିଏ....
କିଏ କାନ୍ଦୁଛ (ଖୋଜିଚାଲିଛି)
କେହି ତ କୁଆଡ଼େ ନାହାନ୍ତି
ଅଥଚ ଏମିତି କଣ୍ଠ ଫଟା କାନ୍ଦ....
କିଏ ? କିଏ କାନ୍ଦୁଛ ? କିଏ ?

ନାରୀକଣ୍ଠ— (ଭିତରୁ) ଏ କାନ୍ଦ ମୋର ଆଜିର ନୁହଁ....
ଯୁଗଯୁଗର
ଅନେକ ଯୁଗରୁ ମୁଁ କାନ୍ଦି ଆସୁଛି
ଆଜି ପରା ପୌଷ ପୂର୍ଣ୍ଣିମା
ଆକାଶରେ ପରିଷ୍କାର ତୋଫା ଜହ୍ନ
ଗଛ ଗହଳିରେ ଛପି ଛପି ଆଲୁଅ
ଆଜିର ଏଇ ଦିନରେ ମୋ ଆଖିରୁ ଲୁହ ଝରିବନି ?

ସିଦ୍ଧାର୍ଥ— ହେଲେ ତମେ କିଏ ?
କ'ଣ ତମର ପରିଚୟ ?

ନାରୀକଣ୍ଠ— ମୋ ପରିଚୟ !
ମୋ ପରିଚୟ ଆକାଶର ଜହ୍ନକୁ ପଚାର
ମୋ ପରିଚୟ ସବୁଜ ବନାନୀକୁ ପଚାର—
ହିଲ୍ଲୋଳିତ ବାୟୁସ୍ରୋତକୁ ପଚାର; ଯୁବକ !
ସେମାନେ ମତେ ଜାଣିଛନ୍ତି,
ସେମାନେ ମତେ ଚିହ୍ନିଛନ୍ତି
ତମେ କ'ଣ ମତେ ଚିହ୍ନିନାହଁ ?
ସ୍ରୋତସ୍ୱିନୀ ଦୟାନଦୀକୁ ଚିହ୍ନି ନାହଁ ?

Digitized by PPRACHIN, SOA

ସିଦ୍ଧାର୍ଥ — ଦୟା ?
ତମେ ସ୍ରୋତସ୍ୱିନୀ ଦୟା ନଦୀ;
ହେଲେ ତମେ କାନ୍ଦୁଛ କାହିଁକି ?
ସେ କଥା ତ କହିଲନି ?

ନାରୀକଣ୍ଠ — ଆଜିର ଏ ରାତି ତ ଖାଲି କାନ୍ଦିବା ପାଇଁ ଯୁବକ !
ଏକା ଏକା ଅଶ୍ରୁ ଝରେଇବା ପାଇଁ !

ସିଦ୍ଧାର୍ଥ — ନଦୀ !
ତମେ କାନ୍ଦୁଛ ?
ନା.... ନା.... ଅସମ୍ଭବ
ମୁଁ ବିଶ୍ୱାସ କରିପାରୁନି

ନାରୀକଣ୍ଠ — ମୁଁ ମମତାମୟୀ,
ଚଳଚଞ୍ଚଳ ସ୍ନେହମୟୀ ମା'ଟିଏ
ଠୋପା ଠୋପା ଲୁହରେ ଭିଜେଇ ଚାଲିଛି ଅଞ୍ଚଳ
କେତେଯୁଗରୁ ବିରହରେ, ବିଚ୍ଛେଦ ଯନ୍ତ୍ରଣାରେ
ମୁଁ ଲୁହ ନିଗାଡୁଛି ।
ମୋ କାନ୍ଦ ଆଜି ବନ୍ଦ ହେବନି—

ସିଦ୍ଧାର୍ଥ — ତମେ ମମତାମୟୀ ପୁଣି ଅଶାନ୍ତ !

ନାରୀକଣ୍ଠ — ମୁଁ କେବେ ଅଶାନ୍ତ ନୁହେଁ ।
ଆଜି ଦିନରେ ବାଧା ବନ୍ଧନ ମାନେନା, ମୁଁ ହେଇଉଠେ ଉଚ୍ଛୃଙ୍ଖଳ

(କଣ୍ଠସ୍ୱର ଧୀରେ ଧୀରେ ଦୂରେଇଯାଉଥିଲା)

ସିଦ୍ଧାର୍ଥ — ତମେ....
ଶୁଣ....
ଶୁଣିଯାଅ

(ଛାଇ ଦୂରେଇଯାଉଥିଲା— ଏକ କରୁଣ ରାଗ ସଙ୍ଗୀତ ଭାସିଆସୁଥିଲା)

ଗୁହ.... ଗୁହ.... ରହିଯାଅ....
ମତେ ଦେଖାଦିଅ.... ଗୁହ.... (ଜୋରରେ)

Digitized by PPRACHIN, SOA

ନାରୀକଣ୍ଠ — ନା....
କ'ଣ ଦରକାର; ବରଂ ଏଇ ଭଲ....

ସିଦ୍ଧାର୍ଥ — ନା.... ନା....
ମୁଁ ତୁମକୁ ଦେଖିବି,
ତମ କଥା ଶୁଣିବି
କୁଆଡ଼େ ଗଲ ?
କୁଆଡ଼େ ଗଲ ତମେ ?
ଦୟାକରି ମତେ ଥରେ ଦେଖାଦିଅ ?

(ସିଦ୍ଧାର୍ଥ ଖୋଜି ବୁଲୁଥିବା ବେଳେ, ମଳିନ ଆଲୋକରେ ବସିଥିବା ବୃଦ୍ଧଙ୍କୁ ସିଦ୍ଧାର୍ଥ ଝୁଣ୍ଟି ପଡ଼ିଛି)

ଆପଣ ? କିଏ ଆପଣ ?

ବୃଦ୍ଧ — କାହିଁକି ଏଠିକି ଆସିଛ ?
ଭୀରୁ, କାପୁରୁଷ....
ପଳା.... ଯା ପଳା
ଦୂରେଇ ଯା.... ଏଠୁ

ସିଦ୍ଧାର୍ଥ — (ଖୁବ୍ ସତର୍କ ସହ ନିରେଖି ଦେଖିଲା)
ଏ ଦୁର୍ବଳ କ୍ଷୀଣ ଶରୀରରେ
ବେଶ୍‌ତ ତେଜରେ କଥା କହୁଛ ।
ଆପଣ ଯେ ବୃଦ୍ଧ, ସ୍ଥବିର ଜରାଜୀର୍ଣ୍ଣ

ବୃଦ୍ଧ — ଲଜ୍ଜା ଲାଗୁନି
କଳିଙ୍ଗ, କଳିଙ୍ଗ ମାଟିର ପୁଅ ହେଇ କଳିଙ୍ଗ ମାଟିରେ ଠିଆ ହୋଇ
ମୋ ଭଳି ଜଣେ ଦୁର୍ଦ୍ଧର୍ଷ କଳିଙ୍ଗ ପାଇକ କୁ
ବୃଦ୍ଧ ଜରାଜୀର୍ଣ୍ଣ ବୋଲି କହିପାରୁଛ ।
ମନେରଖ, କଳିଙ୍ଗ ପାଇକ କେବେ ହେଲେ
ଦୁର୍ବଳ କି ସ୍ଥବିର ନୁହେଁ ।
ଏଇ ବୀର ମାଟିର ପାଣି ପବନ ଆହାର କରି
ତମେ ସବୁ କେମିତି ନିଥର ହେଇ ପଡ଼ିଛ ରେ—
କର୍ପୁର ସିନା ଉଡ଼ିଗଲା

Digitized by PPRACHIN, SOA

କିନ୍ତୁ
କନା ତ ପଡ଼ିଥାଆନ୍ତା
ହେଲେ କର୍ପୁରର ବାସ୍ନା ନାହିଁ କି କନା ନାହିଁ ।

ସିଦ୍ଧାର୍ଥ – ସନ୍ଦେହ ଘେରରେ ମତେ ରଖନ୍ତୁ ନାହିଁ–
କୁହନ୍ତୁ, ଆପଣଙ୍କ ପରିଚୟ;

ବୃଦ୍ଧ – ପରିଚୟ ?
ଯୋଉ ପରିଚୟ ଏତେ ଦିନ ହେଲା ହଜିଯାଇଛି–
ତାକୁ ଖୋଜିବାର ଅଧିକାର ତମର ନାହିଁ ।
ପ୍ରଥମେ, ଚିହ୍ନିବାକୁ ଚେଷ୍ଟାକର
ଓଡ଼ିଆ ପାଇକକୁ !
ଓଡ଼ିଆ ଆତ୍ମାକୁ ଯୁବକ !

ସିଦ୍ଧାର୍ଥ – ମୁଁ ଜାଣେ

ବୃଦ୍ଧ – ଭୁଲ୍ ।
ଇତିହାସକୁ କଦର୍ଥ କରି, ଜାତିର ଅନ୍ତର୍ଦାହକୁ ନ ବୁଝି
ତମେମାନେ ହେଇଯାଇଛ ହୀନବୀର୍ଯ୍ୟ, ଅପଦାର୍ଥ ଆଉ କୁଳାଙ୍ଗାର

ସିଦ୍ଧାର୍ଥ – ନା....
ମୁଁ କୁଳାଙ୍ଗାର କି ଅପଦାର୍ଥ ନୁହେଁ
ମୁଁ ଗବେଷକ ସିଦ୍ଧାର୍ଥ ରଣସିଂହ,
ଇତିହାସର ଛାତ୍ର ।

ବୃଦ୍ଧ – (ଅଟ୍ଟହାସ୍ୟ) ଯୋଉ ଇତିହାସକୁ ନେଇ
ତମେ ଆଜି ବାହାସ୍ଫୋଟ ମାରୁଛ–
ଯୋଉ ଇତିହାସ ତୋଷାମଦରେ ମାତି ଅନ୍ୟର;
ଶତ୍ରୁର ସ୍ତୁତିଗାନ କରିଛି,
ଯୋଉ ଇତିହାସ ନିଜର ବଂଶ ପରମ୍ପରା ମାନ ମର୍ଯ୍ୟାଦା
ପୂର୍ବସୂରୀଙ୍କର ଐତିହ୍ୟକୁ ଭୁଲିଯାଇଛି
ମିଛ, ମନଗଢ଼ା କାହାଣୀ ଭିତରେ ହଜିଯାଇଛି–
ସେଇ ଇତିହାସର ଗବେଷକ ତମେ ?

ସିଦ୍ଧାର୍ଥ – ମତେ ଉପହାସ କରୁଛନ୍ତି ?

ବୃଦ୍ଧ – ଉପହାସ ନୁହେଁ
ଯାହା ନିଛକ ସତ୍ୟ ତା' ତ କହୁଛି !

Digitized by PPRACHIN, SOA

ଦେଖ, ମୋ ଚାରିପଟର ଏଇ ଖୋଦିତ ଶିଳାଲିପିଗୁଡ଼ିକୁ –
ଏ ସମସ୍ତ ମଗଧ ସମ୍ରାଟ ଅଶୋକ ନିର୍ଦ୍ଦେଶରେ ଲିଖିତ –
ଏଇ ପଥର ଖୋଦିତ ଶିଳାଲିପିକୁ ପଢ଼ି
ତମେ ନିଜକୁ ଭୁଲିଯାଇଛ;
ନିଜତ୍ୱକୁ ଜଳାଞ୍ଜଳି ଦେଇଛ
ସ୍ୱାଭିମାନକୁ ଭୁଲିଛ
ଭାବିଲ ଦେଖି !
କୁଆଡ଼େ ଗଲେ ତମର ମହାବୀର ପ୍ରତାପୀ ମହାରାଜ କଳିଙ୍ଗାଧିପତି ?
କୁଆଡ଼େ ଗଲେ ମହାଦୁର୍ଦ୍ଧର୍ଷ କଳିଙ୍ଗ ସେନାପତି ?
କୁଆଡ଼େ ଗଲେ ତମର କଳିଙ୍ଗ ବୀର ପାଇକଗଣ ?
ଏଇ ଶିଳାଲିପିରେ କାହାରି ନାଁ ପାଇଛ ?
ପରିଚୟ ପାଇଛ ?
କାହାରି ପ୍ରତିଭା ବିଷୟରେ ଜାଣିଛ ?
ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିବାକୁ
ଯୋଉ ଅଗଣିତ କଳିଙ୍ଗ ଯୋଦ୍ଧା ଜୀବନ ଉତ୍ସର୍ଗ କଲେ,
ସେମାନେ ମହାନ ନା ମିଛର ଗାଥା
ପଥର ବକ୍ଷରେ ଖୋଦିତ କରି ନିଜ ସ୍ୱାର୍ଥର
ଯିଏ ଡିଣ୍ଡିମ ପିଟିଛି, ସିଏ ମହାନ ?
ଦୁର୍ଯ୍ୟୋଧନ ପରି ଚଣ୍ଡାଶୋକର ଶବ ଉପରେ
ଦୟାର ରକ୍ତନଦୀ ପାର ହେଇ ଯିଏ କାପୁରୁଷ ପରି ମଗଧ ଫେରିଗଲା
ରାତା ରାତି ଧର୍ମାଶୋକରେ ରୂପାନ୍ତରିତ ହୋଇଗଲା
ସିଏ, ନା – କୁଟରଣନୀତିର ଶିକାର ହେଇ,
ଯୋଉ ଲକ୍ଷ ଲକ୍ଷ ଓଡ଼ିଆ ପାଇକ ଜୀବନ ଦାନ କରିଥିଲେ
ସିଏ ବଡ଼, ମହାନ ନା ଅଶୋକ ମହାନ ?
ଦେଇ ପାରିବ ୟା'ର ଉତ୍ତର ?

ସିଦ୍ଧାର୍ଥ – ଆପଣ କ'ଣ ଗବେଷଣା କରୁଛନ୍ତି ?

ବୃଦ୍ଧ – ହୁଁ (ହସ)
ମୁଁ ଗବେଷକ ।

Digitized by PPRACHIN, SOA

ମୁଁ ତମ ପରି ମିଛ ପ୍ରବଞ୍ଚନାର କାଗଜ ଉପରେ
ତୋଷାମଦର କଲମ ଧରି
ଶତ୍ରୁ ସ୍ତୁତିଗାନର ଇତିହାସ ଲେଖିନି
ଲେଖା ହେଇଥିବା ଇତିହାସକୁ ଅନ୍ଧ ଭଳି ଅନୁଶୀଳନ କରିନି—
ଶୁଣ !
ଗବେଷକ ଚେଷ୍ଟାକଲେ ଇତିହାସର ଗତି ବଦଳେଇ ଦେବ—
ମୁଁ ତମକୁ ନିରାଶ କରୁନି—
ମୁଁ ସମ୍ମାନ କରେ ସତ୍ୟକୁ
ମୁଁ ଜାଣେ ସତ୍ୟ ହିଁ ମୃତ୍ୟୁଞ୍ଜୟୀ ।

ସିଦ୍ଧାର୍ଥ— ପାଗଳପରି ଇଏ ସବୁ କ'ଣ କହୁଛ ?

ବୃଦ୍ଧ— ମୁଁ ପାଗଳ ନୁହେଁ
ମୁଁ ଅନୁଭୂତିର କଥା କହୁଛି ।
ସତ୍ୟର କଥା କହୁଛି—
ନିତ୍ୟ ଚିରନ୍ତନର କଥା କହୁଛି ।
ତମେ ପାରିବ—
ମୁଁ ତମକୁ ସାହାଯ୍ୟ କରିବି ।

ସିଦ୍ଧାର୍ଥ— ସାହାଯ୍ୟ, ପୁଣି ଆପଣ ?

ବୃଦ୍ଧ— ଇତିହାସ ରୋମନ୍ଥନ କରେ ଅତୀତକୁ ।
ତଥାପି ନୂତନକୁ ସ୍ୱାଗତ କରିବାରେ କାର୍ପଣ୍ୟ କରେନା
ଯୁକ୍ତିର ପୃଷ୍ଠଭୂମିରେ—
ଅନୁସନ୍ଧିତ୍ସୁ ଜିଜ୍ଞାସାରୁ ଇତିହାସର ସୃଷ୍ଟି !
ଏଇ ଛୋଟିଆ ପାହାଡ଼ର ଖୋଦିତ ଶିଳାଲିପିଗୁଡ଼ିକ
ସମ୍ରାଟ ଅଶୋକର ନିର୍ଦ୍ଦେଶରେ ଲିଖିତ—
ଖୁବ୍ ଚତୁରତା ସହ
କଳିଙ୍ଗ ମହାରାଜ, ମନ୍ତ୍ରୀ, ସେନାପତି, ଦଳବେହେରା ଓ ପାଇକଙ୍କୁ
ଉପେକ୍ଷା କରାଯାଇଛି—
ମା' ମାଟିର ଡାକ ପାଇଁ
ଜୀବନ ଦେବାରେ ଯୋଉ ମହନୀୟ ତ୍ୟାଗ ଟିକକ ।
ଭାବିଲ ଥରେ !

Digitized by PPRACHIN, SOA

ସିଦ୍ଧାର୍ଥ – ଅନେକଥର ଭାବିଛି;
ମନଭିତରେ ଅନେକ କଥା ଗୁଡ଼େଇ ତୁଡ଼େଇ ହେଇ ମନ ଆନ୍ଦୋଳିତ କରିଛି –
ହେଲେ....

ବୃଦ୍ଧ – ହେଲେ, ପୁଣି କ'ଣ ?

ସିଦ୍ଧାର୍ଥ – ସମାଧାନ ପୂର୍ବରୁ ପ୍ରଶ୍ନସବୁ –
ପୁଣି ପ୍ରଶ୍ନବାଚୀ ହେଇ ରହିଯାଇଛି ।

ବୃଦ୍ଧ – ସତ୍ୟର ଅପଳାପ କରି
ଇତିହାସକୁ କଦର୍ଥ କରି
ଭାବି ବଂଶଧରକୁ ବିଭ୍ରାନ୍ତ କରିବାରେ କି ଉଦ୍ଦେଶ୍ୟ ଯେ ଥାଏ ?

ସିଦ୍ଧାର୍ଥ – ମାନେ ?

ବୃଦ୍ଧ – ଇତିହାସ ଜାତିର ମାନ ମହତକୁ ରକ୍ଷାକରେ –
ଜାତିର ଗୌରବକୁ ବିଶ୍ୱ ଦରବାରରେ ଉପସ୍ଥାପିତ କରେ –
ପରବର୍ତ୍ତୀ ପିଢ଼ିକୁ ଗଢ଼େ
କିନ୍ତୁ;
ସେ ଇତିହାସ ଯଦି ଉଦ୍ଦେଶ୍ୟ ପ୍ରଣୋଦିତ ଆଉ ଖୋସାମତିଆଙ୍କର ହାତ ବାରିସି ସାଜେ ।

ସିଦ୍ଧାର୍ଥ – ତେବେ ଜାତିର ଗର୍ବ ଐତିହ୍ୟ ଆଉ ସ୍ୱାଭିମାନ....

ବୃଦ୍ଧ – ସବୁ ଭୁଷୁଡ଼ି ଯାଏ –
ମୋର ମନେ ଅଛି ।
ସେଦିନ....
ଯୁଦ୍ଧଭେରୀ ବାଜି ଉଠିଲା
ଗାଁର ଅବଧାନ ହେଇ ମଧ
ମୁଁ ମଗଧ ସେନାନୀର ସମ୍ମୁଖୀନ ହେବାକୁ ବାହାରି ପଡ଼ିଲି

ସିଦ୍ଧାର୍ଥ – ଆପଣ ?

ବୃଦ୍ଧ – ହଁ....
ଦିନ ଦିନ, ବର୍ଷ ପରେ ବର୍ଷ, ଯୁଗପରେ ଯୁଗ
ମୁଁ ଏଇଠି ଘୁରି ବୁଲୁଚି
କିନ୍ତୁ ଭୁଲିନି –

Digitized by PPRACHIN, SOA

ତମରିମାନଙ୍କ ଅବର୍ତ୍ତମାନରେ,
ଅସନ୍ତୋଷରେ; ଆମେ ଅନେକ ଏମିତି ସେଇଦିନୁ ଘୂରିବୁଲୁଚୁ ।
ଆମେ ମୋକ୍ଷ ପାଇନୁ—
ଅତୃପ୍ତ ଆତ୍ମା ହେଇ ବୁଲୁଛୁ ।

ସିଦ୍ଧାର୍ଥ— ଏଁ....ଅତୃପ୍ତ ଆତ୍ମା
(ଭୟପାଇଛି)

ବୃଦ୍ଧ— ଭୟକରନି ଯୁବକ !
କହିଛି; ମୁଁ ତମର କିଛି କ୍ଷତି କରିବି ନାହିଁ ।
କେତେ ଯୁଗର ଯନ୍ତ୍ରଣା ଦଗ୍ଧ ଏଇ ଜୀବନ;
ଆଖିରେ ଆଖିଏ ତିକ୍ତ ବିଷାଦ— ଉଠିଆସୁଥିବା ମେଘ,
ତଥାପି ମୁଁ ବରଷି ପାରୁନି— ମୁଠାମୁଠା ଅବଶୋଷ—
କିନ୍ତୁ
ଆଜି, ତମକୁ ଦେଖି
ଉଶ୍ୱାସ ହେଇଯାଉଛି—
ମୋର ମନ କହୁଛି
ସତେ ଯେମିତି ମୋକ୍ଷ ଆଉ ମୁକ୍ତିର ଆତିଶଯ୍ୟରେ ମୁଁ ଉପନୀତ ।
ପାରିବ ଯୁବକ !
ଭଗୀରଥ ଯେମିତି ଗଙ୍ଗାଙ୍କୁ ସ୍ୱର୍ଗରୁ ଆଣି
ଷାଠିଏ ସହସ୍ର ସଗର ସନ୍ତାନଙ୍କୁ ଉଦ୍ଧାର କରିଥିଲେ;
ତମେ ସେମିତି ଆମକୁ ଉଦ୍ଧାର କରିପାରିବ ?
ପାରିବ ତମେ ?

ସିଦ୍ଧାର୍ଥ— କେମିତି ?

ବୃଦ୍ଧ— ସେ ଏକ ପ୍ରହେଳିକା—
ଜନ୍ମଜନ୍ମାନ୍ତରବାଦ ଭିତରେ
ଯୁଦ୍ଧର ଘଟଣା ଡୋରିରେ ବିଜଡ଼ିତ ନିଜର ଆତ୍ମୀୟ ସହ
କେବେ ସାକ୍ଷାତ୍ ହେଇଯାଏ
ଆଉ ସେ ଯଦି ଦୟାନଦୀ ଗର୍ଭରେ ନିର୍ଭୟ ଚିତ୍ତରେ
ତିଳ ତର୍ପଣ ଟେକି ଦିଏ
ତେବେ ଆମର ମୋକ୍ଷ—

Digitized by PPRACHIN, SOA

ସିଦ୍ଧାର୍ଥ – (ଦୀର୍ଘଶ୍ୱାସ) ମାନେ ?

ବୃଦ୍ଧ – ହଁ,
ଆଜି ଆକାଶରେ ତାରକା ଖଚିତ ପୂର୍ଣ୍ଣିମାର ଜହ୍ନ –
ସୁନୀଳ ଦୟାନଦୀ ଜଳରେ ଦୋହଲୁଛି ଚନ୍ଦ୍ର
ଝାପ୍‌ସା କିରଣରେ ଝଲସି ଉଠୁଛି
ସେଦିନର ଅତୀତ । ତମମାନଙ୍କୁ ଝୁରି ଝୁରି
ଦୟା ନଦୀର ଅଥଳ ଅତଳଟୋପକୁ ଆମେ ଡେଇଁ ପଡ଼ିଲୁ ।
ଆମେ ଆତ୍ମହତ୍ୟା କରିଥିବାରୁ ଜନ୍ମ ପାଇନୁ ।
ଆଜି ମୁଁ ତମକୁ ଦିବ୍ୟ ଚକ୍ଷୁ ଦେଉଛି ।
ତମେ ଧୀରେ ଧୀରେ ଫେରିଯାଅ –
ସେଇ ବିସ୍ମୃତିର ମହାସ୍ମୃତିକୁ
ସେଦିନର ତମର ଅଜଣା ଅତୀତକୁ ।

ସିଦ୍ଧାର୍ଥ – (ପୁଣି ନାରୀର କ୍ରନ୍ଦନ) ପୁଣି ସେଇ କାନ୍ଦ

ବୃଦ୍ଧ – ଏ କାନ୍ଦ ବନ୍ଦ ହବନି ଆଜି –
ଆହୁରି ବଢ଼ିବ ।

ସିଦ୍ଧାର୍ଥ – ମତେ ଅସ୍ଥିର ଲାଗୁଚି ।

ବୃଦ୍ଧ – ଧୈର୍ଯ୍ୟ ଧର ।
ନୀଳ ଜଳରାଶିର କଳ କଳ ଶବ୍ଦ ସହ
ତାଳଦେଇ ଦୟାନଦୀ ଗୁମୁରି ଗୁମୁରି କାନ୍ଦୁଛି ।

ସିଦ୍ଧାର୍ଥ – ଆଶ୍ଚର୍ଯ୍ୟ !
ନଦୀର କ'ଣ ଜୀବନ ଅଛି ? ସେ କାନ୍ଦୁଛି ?

ବୃଦ୍ଧ – ଭୁଲିଯାଉଛ ଯୁବକ !
ନଦୀ ହିଁ ଜୀବନ
ନଦୀ ହିଁ ସଭ୍ୟତା;
ସଂସ୍କୃତିର ଗତିଧାରା
ସାମାଜିକ ଚିନ୍ତା ଚେତନାର ମୂଳ ଆଧାର
ତା' କୋଳରେ ନିତ୍ୟ ବିଚରିତ ମଣିଷ
ଜୀବନର ଗତି, ପ୍ରଗତି ଆଉ ଅଧୋଗତି ସବୁକିଛି ।
ଧ୍ୱଂସ ବିଲୟରେ ସେ ବି ଆକୁଳିତ ।

Digitized by PPRACHIN, SOA

ସିଦ୍ଧାର୍ଥ – ଅନେକ ଥର ମୁଁ ଏଠିକି ଆସିଛି ।
ଏ କାନ୍ଦ ମୁଁ ଆଗରୁ କେବେ ତ ଶୁଣିନି !
ବୃଦ୍ଧ – ଆଜି ପୌଷ ପୂର୍ଣ୍ଣମି
ଏଇ ନିର୍ଦ୍ଦିଷ୍ଟ ରାତିରେ ଦୟାନଦୀ
ବୁକୁ ଫଟାଇ କାନ୍ଦେ ।
ଗୁମୁରି ଗୁମୁରି କାନ୍ଦେ ।
ସିଦ୍ଧାର୍ଥ – କାହିଁକି ?
ବୃଦ୍ଧ – ଏଇ କାହିଁକିର ଉତ୍ତର ଦେବ; ଅତୀତ !
ସେଇ ଅତୀତର ଘଟଣା ରାଜିକୁ ତମକୁ ନେଇଯାଉଛି
କିନ୍ତୁ
ତମକୁ ପ୍ରଥମେ ପ୍ରତିଶ୍ରୁତି ଦେବାକୁ ହବ ।
ସିଦ୍ଧାର୍ଥ – ପ୍ରତିଶ୍ରୁତି !
ବୃଦ୍ଧ – କାଲି ସୂର୍ଯ୍ୟୋଦୟ ପୂର୍ବରୁ
ଦୟାନଦୀରେ ତର୍ପଣ ଟେକିଦେବାକୁହେବ ।
ପାରିବ ? ଦେଖ, ଦୟାର ନୀଳ ଜଳରାଶି ଧୀରେ ଧୀରେ
ଲାଲ ହେଇ ଆସୁଛି ।
(ଦୟାର ନୀଳ ଜଳରାଶି ଲାଲରକ୍ତବର୍ଣ୍ଣ ହେଇଯିବ)
ସିଦ୍ଧାର୍ଥ – ଭୟ ଲାଗୁଚି –
ଦୟାର ଏଇ ପ୍ରଚଣ୍ଡ ରୁଦ୍ରରୂପକୁ ଦେଖି
ବୃଦ୍ଧ – ନା....
ସେତେବେଳକୁ ଦୟାନଦୀ ପୁଣି ଫେରି ଆସିଥିବ ସ୍ୱରୂପକୁ ।
ସିଦ୍ଧାର୍ଥ – ମୁଁ ପ୍ରତିଶ୍ରୁତି ଦେଉଛି
ବୃଦ୍ଧ – ଠିକ୍ ଅଛି ।
ହେ ଅତୀତ !
ତମ ଯୁଗ ଯୁଗର ଅବରୁଦ୍ଧ ଦ୍ୱାର
ଏବେ ଉନ୍ମୁକ୍ତ କର
ଏ ଜାତିର, ଦେଶର ଉତ୍ତର ଦାୟାଦ ସମ୍ମୁଖରେ
ଉନ୍ମୋଚନ କରିଦିଅ !
ସେଦିନର, ସେଇ ପୂର୍ଣ୍ଣିମା ରାତିର ବୀଭତ୍ସ କାହାଣୀ
(ଘୋଡ଼ା ଟାପୁର ଶବ୍ଦ – ରଣହୁଙ୍କାର – କୋଳାହଳ)

Digitized by PPRACHIN, SOA

ସିଦ୍ଧାର୍ଥ — ଏ କ'ଣ ?
ଯୁଦ୍ଧର ତୁର୍ଯ୍ୟନାଦ ।
ରଣହୁଙ୍କାର, ହାହାକାର, କୋଳାହଳ....
ବୁଦ୍ଧ — ହଁ;
ରଣହୁଙ୍କାର, ଯୁଦ୍ଧର ତୂର୍ଯ୍ୟନାଦ ଆଉ କୋଳାହଳ
ଛାନିଆ ହୁଅ ନାହିଁ
ଅନେକ ଘଟଣା ଦେଖିବ
ଧୈର୍ଯ୍ୟର ସହ ଦେଖିଚାଲ ।
ତମର ଗବେଷଣାରେ ଲାଗିବ —
ଦୁଇ ହଜାର ବର୍ଷରୁ ଟିକିଏ ଅଧିକ ସମୟ
ଆମେ ପଛକୁ ଫେରି ଆସିଲେ
ଯା' ମଧ୍ୟରେ ତମେ ଅନେକ ଜନ୍ମ ନେଇଛ
ଏବଂ ମରିଛ ।
ଭିନ୍ନ ଭିନ୍ନ ନାମରେ ନାମିତ ହେଇଛ
କିନ୍ତୁ
ଏବେ ତମେ ଶୁଭପଦ ।
ସିଦ୍ଧାର୍ଥ — (ଅସ୍ପଷ୍ଟ ସ୍ୱରରେ) କିନ୍ତୁ....
ମୁଁ ସିଦ୍ଧାର୍ଥ.... ମୁଁ....
ବୁଦ୍ଧ — ବର୍ତ୍ତମାନର ସିଦ୍ଧାର୍ଥ
ସେତେବେଳର ଶୁଭପଦ.... ଶୁଭପଦ....
ଶୁଭପଦ ....
ସିଦ୍ଧାର୍ଥ — ହଁ, ଶୁଭପଦ....
ଶୁଭପଦ । ମୁଁ ଶୁଭପଦ....
(ଢେଙ୍ଗୁରା ପିଟା ଶବ୍ଦ)
ଡଗର — 'ଆମେ କଳିଙ୍ଗ ରାଜାଙ୍କ ଡଗର
ଦେଇଯିବୁ ଗରମା ଗରମା ଖବର
ନଗରବାସୀ ହୁଅନାହିଁ ଅଧିର
ଶୁଣ ବାତିନି ରାଜାଙ୍କ ଏଥର ।' (ଗୀତ)
ଶୁଣ.... ଶୁଣ.... ଶୁଣ....
ନଗରବାସୀଏ ସମସ୍ତେ ଶୁଣ....

Digitized by PPRACHIN, SOA

ମଗଧର ଆକ୍ରମଣରେ କଳିଙ୍ଗକୁ ବିପଦ ମାଡ଼ି ଆସିଛି
ସାରଙ୍ଗଗଡ଼, ବିଜୟଗଡ଼, ଚୁଡ଼ଙ୍ଗଗଡ଼, ମୁକ୍ତାଗଡ଼, କୁଲାଡ଼ଗଡ଼,
ଶିଶୁପାଳଗଡ଼ର ସମସ୍ତଙ୍କୁ ମହାରାଜାଙ୍କର ନିର୍ଦ୍ଦେଶ
ଶତ୍ରୁକୁ ପ୍ରତିହତ କରିବାକୁ ଯୁଦ୍ଧରେ ଯୋଗଦିଅ ।
'ଆମେ କଳିଙ୍ଗ ରାଜାଙ୍କ ଡଗର
ଦେଇଗଲୁ ଗରମା ଗରମା ଖବର
ଏଥିକୁ କରିବା ବିଚାର
ସଜହୁଅ ଦେଶବାସୀ ଆମର ।' (ଢେଙ୍ଗୁରା ପିଟିଛି– ଅନ୍ଧାର)

Digitized by PPRACHIN, SOA

ତୃତୀୟ ଦୃଶ୍ୟ

[କଳିଙ୍ଗ ନଅର– ରାଜ ସିଂହାସନରେ ଉପବିଷ୍ଟ କଳିଙ୍ଗ ମହାରାଜ– ସନ୍ନିକଟରେ ମହାମନ୍ତ୍ରୀ ଶକ୍ତିଧର]

ଶକ୍ତିଧର– ମହାରାଜ !
ସବୁଆଡ଼େ ଆମ ଡଗର ଖବର ଦେଇଆସିଲାଣି
ପ୍ରଜାଗଣ;
ମା ମାଟିର ଡାକ ପାଇ ସଜାଗ ହେଇଗଲେଣି
ଚାଷୀ, ମୁଲିଆ, ଯୁବକଠାରୁ ଆରମ୍ଭ କରି ବୁଢ଼ା ଯାଏଁ
ସମସ୍ତେ ଯୁଦ୍ଧରେ ସାମିଲ ହେବାକୁ ପ୍ରସ୍ତୁତ ମହାରାଜ !

ମହାରାଜ– ମହାମନ୍ତ୍ରୀ ଶକ୍ତିଧର !
ଶୁଣିଛ ମଗଧ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କ କଥା ।

ଶକ୍ତିଧର– ହଁ,
ମହାରାଜ !
ରାଜ୍ୟପରେ ରାଜ୍ୟ ଜୟ କରିଥିଲେ ବି
କଳିଙ୍ଗ ମାଟିକୁ ଛୁଇଁବାକୁ ସମ୍ରାଟ ଚନ୍ଦ୍ରଗୁପ୍ତ ସାହାସ କରି ନ ଥିଲେ ।

ମହାରାଜ– ଆଉ ବିମ୍ବିସାର ?

ଶକ୍ତିଧର– ସମ୍ରାଟ ବିମ୍ବିସାର ମଧ୍ୟ କଳିଙ୍ଗ ଆକ୍ରମଣ କରିବାକୁ ଚାହିଁ
ନ ଥିଲେ ଅସଂଖ୍ୟ ସୈନ୍ୟବଳ ଥାଉ ଥାଉ ବି
କଳିଙ୍ଗର ବୀରତ୍ୱରେ ଆତଙ୍କିତ ମଗଧ ।

ମହାରାଜ– ଯୁଗେ ଯୁଗେ କଳିଙ୍ଗର ବୀର ପାଇକଙ୍କର
ନିଷ୍ଠା ପରାକାଷ୍ଠା ଓ ବୀରତ୍ୱ ପ୍ରଦର୍ଶନରେ
ସମସ୍ତେ ପରାଜୟ ସ୍ୱୀକାର କରିଛନ୍ତି
କଳିଙ୍ଗ ଇତିହାସ ହେଉଛି ତା'ର ଜ୍ୱଳନ୍ତ ସାକ୍ଷୀ
ନିଜର ଗର୍ବ ଅହଂକାର ଆଉ ଔଦ୍ଧତ୍ୟ ବଳରେ
କଳିଙ୍ଗକୁ ପରାଭବର କାଳିମା ପିନ୍ଧାଇଦେବ କହି
ଯେତେ ଆସ୍ପର୍ଦ୍ଧା କଲେ ବି
ଅଶୋକର ଆଶା ଆଶାରେ ହିଁ ରହିଯିବ ମହାମନ୍ତ୍ରୀ ଶକ୍ତିଧର !
ଏହା ସୁସ୍ପଷ୍ଟ

Digitized by PPRACHIN, SOA

କଳିଙ୍ଗ ହିଁ ମଗଧଠୁଁ ଶକ୍ତିଶାଳୀ
(ଦୂତ ଆସିଛି— ସେନାପତି ଶତ୍ରୁଜିତଙ୍କ ଆଗମନ ଜଣାଇବା ପରେ ମହାରାଜ ହାତରେ ସୂଚନା ଦେଇଛନ୍ତି— ଦୂତର ପ୍ରସ୍ଥାନ)
ଆସ, ଆସ ସେନାପତି ।

ଶତ୍ରୁଜିତ— (ପ୍ରବେଶ, ପ୍ରଣାମ ନିବେଦନ)
ମହାରାଜାଙ୍କର ଜୟହେଉ
ମହାରାଜ ! ଏଇ ମାତ୍ର ଖବର ମିଳିଛି—
ସମ୍ରାଟ ଅଶୋକ ମଗଧରୁ
ଆହୁରି ସୈନ୍ୟସାମନ୍ତ ଆଣିବା ନିମନ୍ତେ ବରକନ୍ଦାଜ ପ୍ରେରଣ କରିଛନ୍ତି ।

(ମହାମନ୍ତ୍ରୀ ଶକ୍ତିଧର ଚିନ୍ତିତ)

ମହାରାଜ— ଯାହା ହେଲେ ବି ପାଟଳିପୁତ୍ରରୁ ଆସି
କଳିଙ୍ଗକୁ ବଶୀଭୂତ କରିବା
ଅଶୋକର ଦିବାସ୍ୱପ୍ନ ଶତ୍ରୁଜିତ !

ଶତ୍ରୁଜିତ— ଗୁପ୍ତଚର ବିଭାଗକୁ ଜାଲ ପରି ବିଛେଇଦେଇଛି, ମହାରାଜ !

ଶକ୍ତିଧର— ତଥାପି ଶତ୍ରୁକୁ ନ ମଣିବ ଛୋଟ

ମହାରାଜ— ଆମକୁ ସତର୍କ ରହିବାକୁ ହେବ

ଶକ୍ତିଧର— ଶତ୍ରୁ ଯେତେବେଳେ ପଶିଆସିଛି ।
ପଦେ ପଦେ ଜଗିବାକୁ ହବ ।

ଶତ୍ରୁଜିତ— ଗଡ଼ଖାଇ ଚାରିପାଖ ଦିବାରାତ୍ର ସତର୍କ ପ୍ରହରୀ ମୁତୟନ ଅଛନ୍ତି,
ଘାଟୀ ଅଞ୍ଚଳରେ ଯଥେଷ୍ଟ ସୈନ୍ୟ ଜଗିରହିଛନ୍ତି—

ମହାରାଜ— ଗରିଲା ବାହିନୀ ଆଉ ଆତ୍ମଘାତୀ ବାହିନୀ ?

ଶତ୍ରୁଜିତ— ସମସ୍ତେ— ସମସ୍ତେ ପ୍ରସ୍ତୁତ ମହାରାଜ !
ରଥାରୋହୀ, ଗଜାରୋହୀ ହଜାର ହଜାର ଅସୁଆର
ଆଦେଶ ମାତ୍ରକେ ମାଡ଼ିଯିବେ—
ତା' ଛଡ଼ା ଅସ୍ତ୍ରାଗାରରେ ତରବାରୀ, ଗଦା, ବର୍ଚ୍ଛା, ତୀର ବଲମ
ଅପର୍ଯ୍ୟାପ୍ତ ପରିମାଣରେ ଗଚ୍ଛିତ ରହିଛି ।

ମହାରାଜ— ଓଡ଼ିଆ ପାଇକମାନେ କାଳେ କାଳେ ଅବିଜିତ ।
କଳିଙ୍ଗ ଜନ୍ମଜାତକରେ ପରାଭବ ନାହିଁ !

Digitized by PPRACHIN, SOA

ହୁଁ (ଅଟ୍ଟହାସ)
କଳିଙ୍ଗ ଭାଗ୍ୟପଟରେ କେବେ ବି ଲେଖା ହେଇନି ପରାସ୍ତର
'କଳାକାଳିମା ।
ଯଦି ଭାଗ୍ୟର ବିପର୍ଯ୍ୟୟ ଘଟେ
ତେବେ ପ୍ରତିଟି କଳିଙ୍ଗ ବାସୀଙ୍କ ଶବ ଉପରେ
ମଗଧ ତା'ର ବିଜୟ ପତାକା ଉଡ଼େଇବ ସିନା,
କିନ୍ତୁ ଜୀବନ୍ତ ଅବସ୍ଥାରେ ନୁହେଁ....
ନା....

ଶକ୍ତିଧର – ଏହା ତ କଳିଙ୍ଗ ମାଟିର ପ୍ରତିଟି ସନ୍ତାନର ବଜ୍ର ଶପଥ ।
ମଣିମା !

ଶତ୍ରୁଜିତ – ଆମର ଗୁପ୍ତ ଚକ୍ରବ୍ୟୂହରେ ମଗଧ ସୈନ୍ୟ ଛତ୍ରଭଙ୍ଗ ଦେଉଛନ୍ତି ।

ମହାରାଜ – ତମର ବୁଦ୍ଧି କୌଶଳକୁ ମୁଁ ପ୍ରଶଂସା ନ କରି ରହିପାରୁନି
ଶତ୍ରୁଜିତ !
ମୁଁ କାହିଁକି ?
କଳିଙ୍ଗ ମାଟିର ପ୍ରତିଟି ଗୋଡ଼ି, ମାଟି, ପାଣି, ପବନବି !
ଧନ୍ୟ –
ଧନ୍ୟ ହେଇଗଲା ମୋର ଜୀବନ ।
ସାର୍ଥକ ହେଇଗଲା ମୋର ଜନ୍ମ,
ଏଇ କଳିଙ୍ଗ ମାଟିରେ ଜନ୍ମ ନେଇ
ସତରେ ଜୀବନ ପବିତ୍ର ହେଇଗଲା ଜୀବନ ।
ଏଇ ମାଟିମୋର, ପରମ ତୀର୍ଥ
ସ୍ୱର୍ଗଠାରୁ ଆହୁରି ଗରୀୟାନ୍ !

(ଅନ୍ଧାର)

Digitized by PPRACHIN, SOA

ଚତୁର୍ଥ ଦୃଶ୍ୟ

[ଗାଁ ପରିବେଶ – ଶଙ୍ଖ ହୁଳହୁଳି – ମୁକ୍ତିକାନ୍ତର ଘର ଭିତରର ଦୃଶ୍ୟ]

ମୁକ୍ତିକାନ୍ତ – ଆଉ ଦୁଃଖ କରନା –
ଭୋର୍ ହୋଇ ଆସୁଛି
ମନ୍ଦିରରେ ଆଳତି ଆରମ୍ଭ ହେଲାଣି
ତମେ କାନ୍ଦନା ।
ଏଇ ମେଲାଣି ବେଳାରେ ତମ ଆଖିରୁ ଲୁହ ବୋହିଲେ
ମୋର ଅମଙ୍ଗଳ ହେବ ।
ହସି ହସି ମା' ଜାଗୁଳେଇଙ୍କର
ଶୁଭ ସିନ୍ଦୂର ମତେ ପିନ୍ଧେଇ ଦିଅ –

ତିଳୋତ୍ତମା – ମତେ ଭାରି ଡର ଲାଗୁଛି ।
ଏଇ ଧରାରେ ମଣିଷ ଜନ୍ମିଛି ମାନେ
ନିଶ୍ଚୟ ମରଣ ଆସିବ ।
ହେଲେ ମରଣ ଯଦି ଅକାଳରେ
ଅବେଳରେ....

ମୁକ୍ତିକାନ୍ତ – ତେବେ ଦୁଃଖ ତ ଲାଗିବ ତିଳୋତ୍ତମା !
କିନ୍ତୁ ମା'ମାଟିର ଡାକରେ
ଯୁଦ୍ଧରେ ମରିବା ଯେ
କେତେ ଜନ୍ମର ପୂଣ୍ୟଫଳ....

ତିଳୋତ୍ତମା – ଶୁଣୁଛ;
ନୂଆ'ଉ ସେ ପଟେ କାନ୍ଦୁଛନ୍ତି
ପିଲା ବି'ଟା ବାପା, ବାପା ହେଇ ଖୋଜୁଛନ୍ତି
ମା'ଙ୍କ ଆଖିରୁ ଲୁହ ଏ ଯାଏଁ ଶୁଖିନି
ବୁଢ଼ା ବାପା ବି ସେଇଦିନୁ ମୂକ ହେଇଯାଇଛନ୍ତି ।

ମୁକ୍ତିକାନ୍ତ – ଏ ଦୁର୍ଦ୍ଦିନରେ
ଜାତିର ଦେବତା ଜଗତର ନାଥ ସ୍ୱୟଂ ଜଗନ୍ନାଥ
ସିଏ ଥାଉ ଥାଉ

Digitized by PPRACHIN, SOA

ଆମେ ନିରୁତ୍ସାହ ହେବା ଆଦୌ ଠିକ୍ ନୁହେଁ ।
ଦେଖ,
ପୁତ୍ରଶୋକରେ ବାପା ମୋର ଭାଙ୍ଗିପଡ଼ିନାହାନ୍ତି ।
ମୁଁ ଯୁଦ୍ଧକୁ ଯିବି ଶୁଣି ସେ ମତେ ଆଶୀର୍ବାଦ କରିଛନ୍ତି ।
ମୋ ଭାଇର ପ୍ରାଣଦାନର ପ୍ରତିଶୋଧ ମୁଁ ନେବି ।
ପ୍ରତିଶୋଧ....

ତିଳୋତ୍ତମା — ବାପା କହୁଥିଲେ, ମଗଧ ସୈନ୍ୟଙ୍କର ଅନ୍ୟାୟ ଅନୀତି ଯୁଦ୍ଧରେ
ଭାଇ ଶିକାର ହେଲେ —

ମୁକ୍ତିକାନ୍ତ — ଖାଲି ମୋ ଭାଇ କାହିଁକି;
ଆହୁରି ଅନେକ ।
କାଲିପରା
ଆମ ଶିବିରରେ କଥା ପଡ଼ିଥିଲା....

ତିଳୋତ୍ତମା — କ'ଣ ପୁଣି ସିଦ୍ଧାନ୍ତ ହେଲା ?

ମୁକ୍ତିକାନ୍ତ — ସେନାପତି ଶତ୍ରୁଜିତ ଦଳବେହେରାଙ୍କର ବକ୍ତବ୍ୟ ଏବେ ବି
ମୋ କାନରେ ବାଜୁଛି ।

ଶତ୍ରୁଜିତ — (ପୃଷ୍ଠଭାଗରୁ ପ୍ରତିଧ୍ୱନିତ ସ୍ୱର)
"କଳିଙ୍ଗ ହୁଏତ ଜନଶୂନ୍ୟ ହେବ ।
ହେଲେ କାହାରି ବଶ୍ୟତା ସ୍ୱୀକାର କରିବ ନାହିଁ ।
ସତ୍ୟ, ନ୍ୟାୟ, ସ୍ୱାଭିମାନକୁ ଯଥେଷ୍ଟ ସମ୍ମାନ ଦେବ ।
ମଗଧର ଅନ୍ୟାୟ ଅନୀତି ଯୁଦ୍ଧକୁ
ଦୃଢ଼ ହସ୍ତରେ ଜବାବଦେବ ।
ସତ୍ୟର ବିଜୟ ସୁନିଶ୍ଚିତ ।"

ତିଳୋତ୍ତମା — ମତେ କିନ୍ତୁ ଭାରି ଭୟ ଲାଗୁଚି । ମୁକ୍ତିକାନ୍ତ !
ଆଶଙ୍କାରେ ମୋ ଦେହ କମ୍ପିଯାଉଛି ।

ମୁକ୍ତିକାନ୍ତ — ନା ତିଳୋତ୍ତମା ! ତମ ଆଶଙ୍କା ଠିକ୍ ନୁହେଁ ।

ତିଳୋତ୍ତମା — ମୋର ମନେଅଛି
ତମେ ସେଦିନ କହୁଥିଲ
'ଜନ୍ମମାଟିର ଡାକ ପାଖରେ ସଂସାର, ପରିବାର, ରକ୍ତ ସମ୍ପର୍କ
ସବୁ.... ସବୁ କିଛି ତୁଚ୍ଛ ।

Digitized by PPRACHIN, SOA

ମୁକ୍ତିକାନ୍ତ — ହଁ ।
ଆଉ ଡେରି କରନା
ମା'ଙ୍କ ସିନ୍ଦୂର ମତେ ହସି ହସି ପିନ୍ଧେଇଦିଅ
ତରବାରୀ ଟେକି ଦିଅ — ତିଳୋତ୍ତମା !
ଟେକିଦିଅ....

(ଅନ୍ଧାର)

Digitized by PPRACHIN, SOA

ପଞ୍ଚମ ଦୃଶ୍ୟ

[ବୃଦ୍ଧ ଓ ସିଦ୍ଧାର୍ଥଙ୍କ ପୂର୍ବ ବର୍ଣ୍ଣିତ ମଞ୍ଚଦୃଶ୍ୟ]

ସିଦ୍ଧାର୍ଥ — ଖାଲି ମୁକ୍ତିକାନ୍ତ ନୁହେଁ
ଅନେକ, ଆହୁରି ଅନେକ
ସେଦିନ ଶହ ଶହ, ହଜାର ହଜାର ମୁକ୍ତିକାନ୍ତଙ୍କୁ
ଏଇ କଳିଙ୍ଗ ନାରୀ ମଥାରେ ବିଜୟ ସିନ୍ଦୂର ପିନ୍ଧାଇ
ହାତରେ ତରବାରୀ ଟେକି ଦେଇଥିଲା —

ବୃଦ୍ଧ — କିନ୍ତୁ ସେଦିନବି
ଯୁଦ୍ଧ ସରିଲା ନାହିଁ ।

ସିଦ୍ଧାର୍ଥ — ଅନେକ ଘଟଣା
ଅଘଟଣ
ହୃଦୟ ବିଦାରକ ଦୃଶ୍ୟ ।

ବୃଦ୍ଧ — କଳିଙ୍ଗ ଭୂଇଁ ପାଇଁ
ଯେମିତି ବଡ଼ ଭାଇ ଯୁଦ୍ଧରେ ଜୀବନ ଦେଇଥିଲା
ଠିକ୍ ସେମିତି ମୁକ୍ତିକାନ୍ତ ଯୁଦ୍ଧରୁ ଫେରିଲାନି
ସ୍ତ୍ରୀ ସୁମିତ୍ରା ଆଉ ଦୁଇ ବିଧବା ବୋହୂଙ୍କ କ୍ରନ୍ଦନରୋଳ
ଅସ୍ଥିର କରିଦେଲା ସନାତନଙ୍କୁ ।
ବୁଢ଼ାବୟସରେ ସେ ଯୁଦ୍ଧରେ ଅସ୍ତ୍ରଧରିଲେ
ସେ ବି ବର୍ତ୍ତି ନ ଥିଲେ
ସେମାନଙ୍କ ସ୍ମୃତିରେ ଏଇ ସ୍ତମ୍ଭଟି ଗଢ଼ା ହେଇଥିଲା ।
ତା'ର ଦଧିନଉତିଟା
କୋଉ କାଳୁ ଭାଙ୍ଗି ମାଟିରେ ମିଶିଗଲାଣି ।

ସିଦ୍ଧାର୍ଥ — ଜାତି, ପ୍ରେମ, ଦେଶାତ୍ମବୋଧ ସ୍ରୋତରେ
ଅନେକ ପାଇକ ଉଦ୍‌ବୁଦ୍ଧ ହେଇ
ରାତି ଉଜାଗର ରହି ଦିନକ ଭିତରେ ତୋଳି ଦେଇଥିଲେ
ଏଇ ସ୍ମୃତି ସ୍ତମ୍ଭ ।

Digitized by PPRACHIN, SOA

ବୃଦ୍ଧ — ଯୁଦ୍ଧର ଘନଘଟା ବଢୁଥାଏ ।
ମଗଧ ସେନା ପ୍ରାଣ ବିକଳରେ ପଳାୟନ କରୁଥାଆନ୍ତି
ଆନନ୍ଦ ଉତ୍ସାହରେ କଳିଙ୍ଗ ପାଇକ ଆତ୍ମହରା ହେଇଉଠୁଥିଲେ
ନିଶ୍ଚିତ ବିଜୟର ସନ୍ନିକଟ —
ଭୁଲିଥିଲେ ଆତ୍ମୀୟ ସ୍ୱଜନର ବିଚ୍ଛେଦ
ଠିକ୍ ସେତିକି ବେଳେ ମଗଧ ସେନା ଯୁଦ୍ଧର ନୀତି ନିୟମ ଟାଳି....

ସିଦ୍ଧାର୍ଥ — ତଥାପି ନୀତି ନିୟମର ଲକ୍ଷ୍ମଣରେଖା ଭିତରେ ରହି କଳିଙ୍ଗ....

ବୃଦ୍ଧ — ତାହା ହିଁ କଳିଙ୍ଗର ପରମ୍ପରା

ସିଦ୍ଧାର୍ଥ — ଯୁଦ୍ଧରୁ ଫେରିବା ନ ଫେରିବା ଯୋଉଠି ପ୍ରଶ୍ନବାଚୀ
ସେଠି ତ୍ୟାଗ ଓ ବଳିଦାନ ମହାମନ୍ତ୍ରରେ ଦୀକ୍ଷିତ ଓଡ଼ିଆ
ପାଇକଙ୍କୁ ଅନ୍ୟ କାହା ସହ ତୁଳନା କରାଯାଇ ପାରେନା
ମଗଧର ସେଦିନର ପଳାୟନ ଥିଲା ଛଳନା ଆଉ ପ୍ରତାରଣା....

ବୃଦ୍ଧ — ସମ୍ରାଟ ଅଶୋକ ଯେନ ତେନ ଉପାୟରେ
କଳିଙ୍ଗକୁ କରାୟତ କରିବାକୁ ନିର୍ଦ୍ଦେଶ ଜାରିକଲା
ମଗଧ ଶିବିରରେ ଫୁଟଣ ଫୁଟୁଥିଲେ ଚଟ୍ କରି ବାସ୍ନା ଆସୁଥିଲା ଆମପାଖକୁ....

ସିଦ୍ଧାର୍ଥ — ଗୁପ୍ତଚର ବିଭାଗ ଆମର ଥିଲା ସଦା ସଜାଗ ଆଉ ସତର୍କ

ବୃଦ୍ଧ — ତା'ର ଉପମୁଖ୍ୟ ଥିଲ, ତମେ ଶୁଭପଦ !
ନିର୍ଜନ ରାତିରେ
ତମେ କେତେଥର ମଗଧ ଶିବିରରୁ
ଛଦ୍ମବେଶରେ ଫେରୁଥିବାର ମୁଁ ଦେଖିଛି ।
ହେଲେ ଘନ ଅନ୍ଧାରରେ ଯେତେବେଳେ
ଉତ୍ସବ ମୁଖର ଥିଲା କଳିଙ୍ଗ ଶିବିର
ସେତେବେଳେ ମଗଧର ହେଲା ଅତର୍କିତ ଆକ୍ରମଣ ।
ତମେ ଟିପୁଥିଲ ଯୁଦ୍ଧର ବିବରଣୀ ।
କେତେ ବିଶ୍ୱାସ ଘାତକତା
ଆଉ ଷଡ଼ଯନ୍ତ୍ରର ଇତିହାସ ସବୁ ମୁଁ ପଢ଼ିଥିଲି ।
ସିଏ ତ ଯୁଦ୍ଧ ନୁହେଁ— ଅମାନୁଷିକ ହତ୍ୟାକାଣ୍ଡ,
ତଥାପି କଳିଙ୍ଗବାସୀଙ୍କର ସଂଗ୍ରାମର ଶେଷ ନଥିଲା । (ଦୀର୍ଘଶ୍ୱାସ)
(ଅନ୍ଧାର)

Digitized by PPRACHIN, SOA

ଷଷ୍ଠ ଦୃଶ୍ୟ

[ମଗଧ ଶିବିର– ରାତିର ବିଳମ୍ବିତ ପ୍ରହର– ନରମ ଆଲୋକ– ସମ୍ରାଟ ଅଶୋକ ସାମାନ୍ୟ ବ୍ୟସ୍ତ, ବିବ୍ରତ ଆଉ ଚିନ୍ତିତ– ତଥାପି ମନରେ ଦମ୍ଭ– ପଦଚାଳନ କରୁଥିଲେ ।]

ଅଶୋକ– (ସ୍ୱଗତଃ)
ସମ୍ରାଟ ଅଶୋକ କେବେ ହେଲେ ପରାଜୟ ସ୍ୱୀକାର କରିପାରେନା –
ନା.... ନା.... ନା.... କଳେ ବଳେ କୌଶଳେ ମୋର ନିଶ୍ଚୟ ଜିତାପଟ
ତମେ ଯଦି ଥରେ ସମ୍ରାଟ ଅଶୋକର ସାମ୍ନା କରିଥାଆନ୍ତ କଳିଙ୍ଗ ମହାରାଜ !
ତେବେ ଜାଣିଥାଆନ୍ତ ମୋର ଅସୀମ ପରାକ୍ରମ.... ଅସାମାନ୍ୟ କୌଶଳ
ଯୋଉ ଅଶୋକ, ଏଇ ହାତରେ ଗୋଟି ଗୋଟି କରି
ଅଠାନବେ ଭାଇଙ୍କୁ ହତ୍ୟା କରିଛି ନିଜ ବଂଶର ରକ୍ତରେ ହୋରି ଖେଳିଛି,
ସିଂହାସନକୁ କରଗତ କରିଛି, ସେ ଅଶୋକ ?
ନା....
ଏଠି ନୀତିକୁ ଧରିବସିଲେ ଚଳିବନି କୁଟନୀତି ପ୍ରୟୋଗ କରିବାକୁ ହେବ ।
କୁଟନୀତି.... ।

ବୃଷକେତୁ– (ପ୍ରବେଶ)
ସମ୍ରାଟ ! ପ୍ରଣାମ ଘେନାକରନ୍ତୁ ସେନାପତି ବୃଷକେତୁର ।
ଏତେ ରାତିରେ ସମ୍ରାଟ ଯେ ବିଶ୍ରାମ ନ କରି
ନିର୍ଜନ ପ୍ରହରରେ ଏକା ଏକା ଏପରି ବ୍ୟସ୍ତ, ବିବ୍ରତ....
ପଦଚାଳନା କରିବା –

Digitized by PPRACHIN, SOA

ଅଶୋକ – ନା.... ନା.... ବୃଷକେତୁ !
ଅଶୋକ ବ୍ୟସ୍ତ ବିବ୍ରତ କି ବିଚଳିତ ନୁହେଁ,
କାଲିର ଯୁଦ୍ଧରେ ଆମ ସୈନ୍ୟଙ୍କ ଛତ୍ରଭଙ୍ଗ,
ଆତଙ୍କିତ ଅବସ୍ଥାକୁ ଭାବି,
ପରବର୍ତ୍ତୀ କାର୍ଯ୍ୟପନ୍ଥା ବିଷୟରେ ମୁଁ ଚିନ୍ତିତ ଥିଲି । ଛାଡ଼.... ।
କି ସମ୍ବାଦ ନେଇ ଆସିଛ ?

ବୃଷକେତୁ – ସୁବର୍ଣ୍ଣରେଖାରୁ ଗୋଦାବରୀ ପର୍ଯ୍ୟନ୍ତ
କଳିଙ୍ଗ ରାଷ୍ଟ୍ର ଦୀର୍ଘ ତେରଦିନ ହବ
ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ
ଯୁଦ୍ଧର ତୂର୍ଯ୍ୟନାଦରେ ପ୍ରକମ୍ପିତ ହେଉଛି ।
ଆମ ସ୍ୱତନ୍ତ୍ର ଦୂତମାନେ ଏ ମୁଣ୍ଡରୁ ସେ ମୁଣ୍ଡ ଯାଏଁ
ପଲଟଣମାରୁଛନ୍ତି
ସମ୍ବାଦ ମିଳିଛି ।
କଳିଙ୍ଗର ସୈନ୍ୟସାମନ୍ତ ସହ
କୃଷକ, ବେସାମରିକ ଜନସାଧାରଣ
ସମସ୍ତେ ମିଶି ଯୁଦ୍ଧରେ ଯୋଗ ଦେବେ ।

ଅଶୋକ – ଜାଣ ବୃଷକେତୁ !
ମଗଧର ଇତିହାସ ସାକ୍ଷ୍ୟ ଦିଏ,
ଯୋଉ ରାଜ୍ୟକୁ ମୋର ପୂର୍ବଜ ଆକ୍ରମଣ କରିଛନ୍ତି,
କେବେ ବି ପରାଜୟ ବରଣ କରିନାହାନ୍ତି
ମୌର୍ଯ୍ୟବଂଶର ପ୍ରତିଷ୍ଠାତା ଚନ୍ଦ୍ରଗୁପ୍ତ ନା ତାଙ୍କ ପୁତ୍ର ବିମ୍ବିସାର ?
କିଏ, କିଏ ବୃଷକେତୁ ?
କାହା ଲଲାଟରେ ବିଜିତ କଳଙ୍କର କାଳିମା ?
ବୃଥା ଆଶଙ୍କା ତୁମର !
ଭୁଲିଯାଉଛ ବୃଷକେତୁ ।
ତମେ ଯେ ସମ୍ରାଟ ଅଶୋକର ପରାକ୍ରମୀ ସେନାପତି !

ବୃଷକେତୁ – ଅପରାଧ ମାର୍ଜନା କରନ୍ତୁ, ସମ୍ରାଟ !
ବୃଷକେତୁ କେବଳ ମାତ୍ର ଯୁଦ୍ଧର ଆଭାସ ଦେଉଥିଲା ।

ଅଶୋକ – କାଲି ସୂଚନା ଦେଇ କହୁଥିଲ ।
ପାଟଳିପୁତ୍ର ଛାଡ଼ିଲାବେଳେ,

Digitized by PPRACHIN, SOA

ପଦାତିକ, ଗଜାରୋହୀ ଅଶ୍ୱାରୋହୀ ମିଶି ଆସିଥିଲେ
ଲକ୍ଷେ ବାର ହଜାର
ଯୁଦ୍ଧରେ, ରୋଗରେ ତିରିଶ ହଜାର ମରିଗଲେଣି ।
ମୁଁ ଆଗରୁ ବାର୍ତ୍ତା ଦେଇସାରିଛି ।
ରାଜଧାନୀ ପାଟଳିପୁତ୍ରରୁ ଆହୁରି ସୈନ୍ୟ ଆସୁଛନ୍ତି ।
ସେମାନେ କାଲି ସୂର୍ଯ୍ୟୋଦୟ ପୂର୍ବରୁ ଏଠି ପହଞ୍ଚିଯିବେ ।

ବୃଷକେତୁ — ସମ୍ରାଟ ଅଶୋକଙ୍କର ଜୟ ହେଉ !
ଧନ୍ୟ ଧନ୍ୟ କହିବ ଆପଣଙ୍କର ବିଚକ୍ଷଣ ବୁଦ୍ଧିକୁ ।
ପାଟଳିପୁତ୍ରରୁ ଆହୁରି ସୈନ୍ୟ ଆଣିବା ଯଥାର୍ଥ ହୋଇଛି ସମ୍ରାଟ !

ଅଶୋକ — ସାରା ବିଶ୍ୱରେ ଯେତେ କ୍ରୋଧାଗ୍ନି ଅଛି
ସବୁଆସି ମୋ ନିକଟରେ ଏକତ୍ର ହେଇଯାଇଛି
କଳିଙ୍ଗ ବଶତା ସ୍ୱୀକାର କରିବ
ମୁଁ ନିଜେ ଯୁଦ୍ଧରେ ଅବତୀର୍ଣ୍ଣ ହେବି ।

ବୃଷକେତୁ — ସମ୍ରାଟ ! ଆପଣ ସ୍ୱୟଂ !

ଅଶୋକ — ହଁ.... ହଁ.... ସମ୍ରାଟ ଅଶୋକ ଚାହେଁ
କଳିଙ୍ଗର ଦ୍ରୁତ ପରାଭବ
କଳିଙ୍ଗର ନୌବାଣିଜ୍ୟ, କୃଷି
ସାଗର ସେପଟର ଉପନିବେଶ ସବୁ ମୋର କରାୟତ ହେବ
ସବୁ ହେବ ମଗଧର । ମୁଁ ଭାବୁଛି.... (pause)
ଯାଅ ସେନାପତି ବୃଷକେତୁ ! ତମେ ବିଶ୍ରାମ ନେବା ପୂର୍ବରୁ
ସ୍ଥାୟୀଆଉ ଅସ୍ଥାୟୀ ସମସ୍ତ ଶିବିରର
କୋଣ ଅନୁକୋଣରେ ସମ୍ରାଟ ଅଶୋକର ଆଦେଶକୁ ଜଣେଇ ଦିଅ
ଏଇ ଜ୍ୟୋସ୍ନାପ୍ଲାବିତ ପୂର୍ଣ୍ଣିମା ରାତିରେ ଆରମ୍ଭ କରିବା
ବିଜୟ ଉନ୍ମତ୍ତ କଳିଙ୍ଗ-ସେନାଙ୍କ ଉପରେ ଅତର୍କିତ ଆକ୍ରମଣ

ବୃଷକେତୁ — କିନ୍ତୁ; ସମ୍ରାଟ !
ପୂର୍ଣ୍ଣିମା ରାତି....
ଯୁଦ୍ଧନୀତିକୁ ଉପେକ୍ଷା କରି....

ଅଶୋକ — ଏଠି ରଣନୀତି, ଆଦର୍ଶର ଅର୍ଥ କିଛି ହୁଏ ନା ସେନାପତି !
ଯାଅ ଆକ୍ରମଣ ପାଇଁ ପ୍ରସ୍ତୁତ ହୁଅ....

Digitized by PPRACHIN, SOA

ବୃଷକେତୁ — ଆସୁଛି ସମ୍ରାଟ ! (ପ୍ରସ୍ଥାନ)

ଅଶୋକ — ଏଥର କଳିଙ୍ଗ ମହାରାଜ !
ତମର ନିସ୍ତାର ନାହିଁ ।
ମଗଧ ସମ୍ରାଟ ଅଶୋକର ଚକ୍ରବ୍ୟୁହ ଭିତରେ
ତମେ ସାଜିବ ଅଭିମନ୍ୟୁ
ଆଉ ସପ୍ତରଥୀ ହେଇ
ମୁଁ ବଜେଇବି ବିଜୟର ଦୁନ୍ଦୁଭି —
ମୁଁ ହେବି ମହା ମହିମ ଦିଗ୍‌ବିଜୟୀ
ସାର୍ବଭୌମ ସମ୍ରାଟ ଅଶୋକ । (ହସ)
(ଅନ୍ଧାର)

Digitized by PPRACHIN, SOA

ସପ୍ତମ ଦୃଶ୍ୟ

[କଳିଙ୍ଗର କୁଲାଡ଼ଗଡ଼ ଦୁର୍ଗ— ପାଇକମାନେ ନିଘୋଡ଼ ନିଦରେ ବିଶ୍ରାମ ଶୋଇଛନ୍ତି । ଦୁଇ/ଚାରି ଜଣ କଳିଙ୍ଗ ସୈନ୍ୟ ବି ପହରା ଦେଉଛନ୍ତି । ଇତ୍ୟବସରରେ ମଗଧ ସୈନ୍ୟମାନେ ଖୁବ୍ ସାବଧାନତା ସହ ଦୁର୍ଗ ଭିତରକୁ ପଶି ଆସିଛନ୍ତି— ବିଚକ୍ଷଣ ବୁଦ୍ଧି ପ୍ରୟୋଗ କରି ପ୍ରଥମେ ପହରା ଦେଉଥିବା ପାଇକମାନଙ୍କୁ ଜଣକ ପରେ ଜଣଙ୍କୁ କରାୟତ କରି ହତ୍ୟା କରିଛନ୍ତି— ପରେ ପରେ ଜଣ ଜଣଙ୍କୁ ହତ୍ୟା କରାଯାଇଛି— ହଠାତ୍ ପାଇକ ସର୍ଦ୍ଦାରଙ୍କ ନିଦ ଭାଙ୍ଗିଯାଇଛି— ସେ ତାଙ୍କ ପାରୁପର୍ଯ୍ୟନ୍ତ ମଗଧ ସୈନ୍ୟମାନଙ୍କର ପ୍ରତିରୋଧ କରିଛନ୍ତି— ଘମାଘୋଟ ଲଢ଼େଇ ଚାଲିଛି— କଳିଙ୍ଗ ସୈନ୍ୟମାନେ ପ୍ରାୟତଃ ସର୍ଦ୍ଦାରଙ୍କୁ ଛାଡ଼ିଦେଲେ କେହି ବଞ୍ଚିନାହାନ୍ତି— ରାତି ଅଧରେ ଏପରି ଲୁଚି ଛପି ଆକ୍ରମଣ କରିଥିବାରୁ କଳିଙ୍ଗ ସର୍ଦ୍ଦାର ମଗଧ ସୈନ୍ୟଙ୍କ ପ୍ରତି କଟୁ ମନ୍ତବ୍ୟ ଦେଇଛନ୍ତି ।]

କଳିଙ୍ଗ ସର୍ଦ୍ଦାର— ହେ ମାଗଧୀ ସୈନ୍ୟମାନେ !
ଯଦି ତମେମାନେ ବୀର ହେଇଥାଆନ୍ତ ଏମିତି ଲୁଚି ଛପି ଆସି ନଥାନ୍ତ ।
ତମେମାନେ ଭୀରୁ କାପୁରୁଷ ! ବୀରୋଚିତ ବ୍ୟବହାର କ'ଣ ଶିଖିନାହଁ ।
ଯୁଦ୍ଧର ନୀତି ନିୟମକୁ ଟାଳି ନିରସ୍ତ୍ର ସୈନ୍ୟମାନଙ୍କୁ
ସୁପ୍ତ ଅବସ୍ଥାରେ ହତ୍ୟା କରିବା ଆଦୌ ସମୀଚିନ ନୁହେଁ ।
କୋଉ ଶାସ୍ତ୍ରରେ ବି ନାହିଁ ।
(ସେତେବେଳେ ସର୍ଦ୍ଦାରଙ୍କୁ ସାତଜଣ ମାଗଧୀ ସୈନ୍ୟ ତାଙ୍କୁ ଚାରିପଟୁ ଘେରିଗଲେଣି)
ସମଗ୍ର ବିଶ୍ୱର ଇତିହାସରେ
ତୁମ ଭଳି ବର୍ବରୋଚିତ କାର୍ଯ୍ୟ ବୋଧହୁଏ କେହି କରିନାହାନ୍ତି ।
ମତେ ଯଦି ମୁକାବିଲା କରିବାକୁ ଚାହଁ
ତେବେ ଜଣ ଜଣ ହେଇ ଆସ । ଯୁଦ୍ଧର ନୀତି ନିୟମକୁ ମାନ—

Digitized by PPRACHIN, SOA

ମାଗଧୀ ସୈନ୍ୟ – ନାଇଁ, ଛାଡ଼ନାହିଁ ଆକ୍ରମଣ କର –
ସର୍ଦ୍ଦାର – ଗୋଟାଏ ଭୁଲ ଲାଗି
ଅସଂଖ୍ୟ ଭୁଲ କରନାହିଁ
ମାଗଧୀ ସୈନ୍ୟ – ଛାଡ଼ ନାହିଁ, ମାର ।
ସର୍ଦ୍ଦାର – ରାମ ରାବଣ ଯୁଦ୍ଧ ।
ମହାଭାରତ ଯୁଦ୍ଧ –
କେବେ ବି ଯୁଦ୍ଧର ନୀତି ନିୟମରେ ଉଲ୍ଲଂଘନ ହେଇନାହିଁ
କ୍ଷମତା ପାଇଁ ଅନ୍ଧ ଭଳି
ଯୁଦ୍ଧର ଶାଶ୍ୱତ ନିୟମକୁ ପାଗଳ ପରି ଟାଳି ଦିଅନା
ମାଗଧୀସୈନ୍ୟ – ରାଜ୍ୟ ଜୟ ପାଇଁ ଆମେ ଅନେକ ଦୂରରୁ ଆସିଛୁ
ଏ ବୃଥା ଉପଦେଶ ବନ୍ଦକର ।
ମହାଭାରତ ଯୁଦ୍ଧରେ ବି' ଦିନେ ମହାପରାକ୍ରମୀ
ଜୟଦ୍ରଥକୁ ଏମିତି ମରାଯାଇଥିଲା
ସର୍ଦ୍ଦାର – ନା....
ଛଳନାର ମାୟାଜାଲରେ
ଯେତେବେଳେ ସୂର୍ଯ୍ୟଙ୍କୁ ଢାଙ୍କି ଅନ୍ଧାର ଘୋଟିଥିଲା
ସେତେବେଳେ ବି ସମସ୍ତେ ଅସ୍ତ୍ରତ୍ୟାଗ କରିଦେଇଥିଲେ କିନ୍ତୁ –
ତମେମାନେ ଆଜି ଏଇ ନିବିଡ଼ ଅନ୍ଧାର ରାତିରେ
ଅସ୍ତ୍ରର ଅସଦ୍‌ବିନିଯୋଗ କରିଚାଲିଛ –
ମାଗଧୀ ସୈନ୍ୟ – ବନ୍ଦକର ତମର ହିତୋପଦେଶ ।
ଚଳାଅସ୍ତ୍ର ।
(ସମସ୍ତେ ଏକସଙ୍ଗେ ଆକ୍ରମଣ କରିଛନ୍ତି – ସର୍ଦ୍ଦାରଙ୍କୁ ମୃତ ଭାବି ଚାଲିଯାଇଛନ୍ତି)
ଆସ ।
କୁଲାଡ଼ ଗଡ଼କୁ ଆମେ ଅଧିକାର କରିନେଇଛେ –
ନିର୍ବିଘ୍ନରେ ଉଡ଼େଇଦିଅ ଏଥର ଦୁର୍ଗ ଶିଖରରେ ବିଜୟ ମଣ୍ଡିତ ବୈଜୟନ୍ତୀ ।
(ସମସ୍ତେ ହସି ହସି ଯିବା ପରେ ଯନ୍ତ୍ରଣା ଜର୍ଜରିତ ସର୍ଦ୍ଦାର ବହୁକଷ୍ଟରେ ଉଠିଛନ୍ତି)

Digitized by PPRACHIN, SOA

ସର୍ଦ୍ଦାର— ଆଃ.... କି କଷ୍ଟ । ଯେତେ ଯନ୍ତ୍ରଣା ହେଲେ ବି
ମତେ ଯେ କୌଣସି ଉପାୟରେ ନଅରକୁ ଯିବାକୁ ହବ—
ହେ ଠାକୁରେ.... ମତେ ଶକ୍ତି ଦିଅ—
ମତେ ଯିବାକୁ ହେବ— ଜୀବନର ଶେଷ ରକ୍ତବିନ୍ଦୁ ଥିବା
ପର୍ଯ୍ୟନ୍ତ ମା ମାଟିର ସେବାରେ ମତେ ନିୟୋଜିତ କରିଦିଅ—
ଓଃ.... ଆଃ.... ଭାରି କଷ୍ଟ

(ଘୁଷୁରି ଘୁଷୁରି ଚାଲିଛନ୍ତି— ଝାପ୍‌ସା ଅନ୍ଧାରରେ
ସର୍ଦ୍ଦାର ବହୁ କଷ୍ଟରେ ପହଞ୍ଚିଛନ୍ତି ରାଜ ନଅରରେ)

ପାଣି.... ପାଣି ଟିକିଏ

(ମହାମନ୍ତ୍ରୀ ଶକ୍ତିଧର ପାଣି ଦେଇଛନ୍ତି, ପିଇଛନ୍ତି
ସର୍ଦ୍ଦାର)

ମାଗଧୀ ସୈନ୍ୟ କୁଲାଡ଼ଗଡ଼କୁ ପଶିଆସିଛନ୍ତି—
ଆମର ସମସ୍ତ ପାଇକଙ୍କ ଶିରଚ୍ଛେଦନ ହେଇଛି—
କୁଲାଡ଼ ଗଡ଼ ଆଜି ଧ୍ୱଂସ ହେଇଯାଇଛି—

(ସର୍ଦ୍ଦାରଙ୍କର ଜୀବନ ଚାଲିଯାଇଛି—
କଳିଙ୍ଗ ମହାରାଜ ଶକ୍ତିଧର ଓ ଶତ୍ରୁଜିତ ମୁକୁଟ
ଖୋଲି ଶେଷ ସମ୍ମାନ ଦେଇଛନ୍ତି)

ମହାରାଜ— ସମ୍ରାଟ ଅଶୋକ !
କ୍ଷମତା ଲାଗି ମାନବୀୟ ମୂଲ୍ୟବୋଧକୁ ଜଳାଞ୍ଜଳି ଦେଉଛି
ଯେମିତି ଏଇ ଯୁଦ୍ଧରେ ଘଟିଚାଲିଛି ସତରେ ଆଶୋକ !
ତମକୁ ଉଚିତ ଶିକ୍ଷା ଦିଆଯିବ ।

ଶକ୍ତିଧର— ହଁ, ମହାରାଜ ! ମୁଁ ଆପଣଙ୍କ ସହ ଏକମତ ।
ଅଶୋକଙ୍କର ଏମିତି ଅଚାନକ ଆକ୍ରମଣର ଭେଦ ନ ଜାଣିପାରି
ଆମେ ବିପର୍ଯ୍ୟୟ ଆଡ଼କୁ ଠେଲିହେଇଗଲେ—

ମହାରାଜ— ଏଥିପାଇଁ ମୁଁ ଗୁପ୍ତଚର ବିଭାଗକୁ ଦାୟୀ କରୁଛି—
କ'ଣ ହେଲା ସେନାପତି ।
ମୁଁ ପ୍ରତିଦିନ ଖବର ରଖୁଛି— ମହାମନ୍ତ୍ରୀ !
ଆପଣଙ୍କ ତ୍ରୁଟି ତ ଦେଖୁନି— ଗୁପ୍ତଚର ବିଭାଗର ଅବହେଳା
ଆପଣଙ୍କ ନଜରକୁ ଆସିଛି କି ?

(ଶତ୍ରୁଜିତ ନୀରବ)

Digitized by PPRACHIN, SOA

ଶକ୍ତିଧର— ତେବେ ନୀରବ ରହିବାର କାରଣ ?

(ତଥାପି ସେ ନୀରବ)

ମହାରାଜ— ଜାଣେ ସେନାପତି !

ତମର ନୀରବତାର କାରଣ

ଶତ୍ରୁଜିତ— ମହାରାଜ !

ମୋ ଅନ୍ତର୍ଦୃଷ୍ଟି ଦେଇ କଥାଟାକୁ ମୁଁ ତଳେଇ ଦେଖିସାରିଛି—

କେଜାଣି କାହିଁକି ମୁଁ

ଗୁପ୍ତଚର ବିଭାଗକୁ ଦାୟୀ କରିପାରୁନି—

ଶକ୍ତିଧର— କୁଲାଡ଼ ଗଡ଼ର ଏଇ ବୀଭତ୍ସ ମାଗଧୀ ସୈନ୍ୟଙ୍କ ତାଣ୍ଡବଲୀଳା ଲାଗି ଆପଣ କାହାକୁ ଦାୟୀ କରୁଛନ୍ତି ?

ମହାରାଜ— (ତାଚ୍ଛଲ୍ୟ ହସ)

ନିଜକୁ ଦାୟୀ କରୁଛି । ନିଜ ଆତ୍ମପ୍ରତ୍ୟୟକୁ, ବିଶ୍ୱାସକୁ

କଳିଙ୍ଗର ଧରାବନ୍ଧା ପାରମ୍ପରିକ ନୀତି ନିୟମକୁ

ମୁଁ ନିଜକୁ କେବଳ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଛି—

କିନ୍ତୁ.... ଉତ୍ତର ଖୋଜି ପାଉନାହିଁ ।

ଯୁଦ୍ଧର ଅନୁସଂହିତାକୁ ପଦେ ପଦେ ଅନୁସରଣ କରୁଥିବା

ନିରୀହ ନିଷ୍ପାପ ପାଇକଗଣଙ୍କୁ ସୁପ୍ତ ଅବସ୍ଥାରେ

ନିର୍ମମ ଭାବରେ ଯେଉଁଭଳି ହତ୍ୟା କରାଗଲା—

କୁଲାଡ଼ ଗଡ଼କୁ ଅଧିକାର କରି ନିଆହେଲା—

ମୁଁ ସ୍ୱପ୍ନରେ ବି ଭାବି ନ ଥିଲି—

ଜଗତର କୌଣସି ବୀର ଏତେ ନୀଚ କର୍ମ କରିପାରେନା—

ଅହରହ ସମ୍ରାଟ ଅଶୋକ ବିଜୟୀ କେମିତି ହେବ ସ୍ୱପ୍ନ ଦେଖୁଛି ।

ୟା ପାଇଁ ଆମେ ଯଥେଷ୍ଟ ସଜାଗ ହେବା

ଆମର ଗୁପ୍ତଚର ବିଭାଗକୁ ପୁନଃ ଗଠନକରି ସକ୍ରିୟ କରିବାକୁ ହେବ—

ଅନୁସନ୍ଧିତ୍ସୁ ଆଖିରେ

ମଗଧ ଶିବିରର ଟିକି ନିଖି ଖବର ସଂଗ୍ରହ କରିବାରେ

ଯେପରି ସାମାନ୍ୟ ଅବହେଳା ନ ହୁଏ । ସେନାପତି !

ମହାମନ୍ତ୍ରୀ ଶକ୍ତିଧର !

Digitized by PPRACHIN, SOA

ଶକ୍ତିଧର – ନିର୍ଦ୍ଦେଶ କରନ୍ତୁ, ମଣିମା !
ମହାରାଜ – ମାଗଧୀ ସୈନ୍ୟମାନେ,
ଆମର ମୃତ ପାଇକମାନଙ୍କର ଶବ ହସ୍ତାନ୍ତର କଲେଣି
କି ନାହିଁ ?
ମୃତାହତ ପରିବାରଙ୍କୁ
ଯଥେଷ୍ଟ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା ମଧ୍ୟ କର ।
ଶକ୍ତିଧର – ଯଥା ଆଜ୍ଞା, ମଣିମା !
ହେଲେ ସମ୍ରାଟ ଅଶୋକଙ୍କୁ
କୁଲାଡ଼ ଗଡ଼ ପାଇଁ ପରିଣତି ଭୋଗ କରିବାକୁ ହବ ।
ମହାରାଜ – ଲଜ୍ଜା.... ଲଜ୍ଜା
ସମଗ୍ର ଆର୍ଯ୍ୟାବର୍ତ୍ତ କାହିଁକି
ଜଗତସାରା ଅହଂକାରୀ ବର୍ବର ଅଶୋକ ପ୍ରତି
ସମସ୍ତେ ଘୃଣାରେ, ଭ୍ରୁକୁଞ୍ଚନ କରିବେ
ସଦା ଉପହସିତ ହେବ ଏଇ କଳଙ୍କିତ ମନ୍ଦ କୁକର୍ମଲାଗି
ଯାଅ ମହାମନ୍ତ୍ରୀ –
ତୁରନ୍ତ ଅଧ୍ୟାଦେଶ ଜାରି କରିଦିଅ –
ଯାଅ ସେନାପତି !
ମୋ ଉଦ୍‌ବୋଧନର ଉଦ୍‌ଘୋଷଣ କରିଦିଅ
ଯେତେ ଅନ୍ୟାୟ ଅନାଚାର ଅଶୋକ ପ୍ରୟୋଗ କଲେ
ବି ଆମର ଯୁଦ୍ଧ ନୀତିର କୌଣସି ପରିବର୍ତ୍ତନ ହେବନାହିଁ ।
ହେଉ ପଛେ ଜୀବନ ବିନିମୟରେ –
କଳିଙ୍ଗ ତା'ର ପରମ୍ପରାରୁ କେବେ ବି ବିଚ୍ୟୁତ ହେବନାହିଁ ।
ନା.... ।
ଶକ୍ତିଧର – କଳିଙ୍ଗ ମହାରାଜଙ୍କର ଜୟ ହେଉ ।
ଶତ୍ରୁଜିତ – (ପ୍ରସ୍ଥାନ ପାଇଁ ଉଦ୍ୟତ)
ମହାରାଜ – ଶୁଣ, ଶୁଣ ସେନାପତି !
ଆଜିର ଯୁଦ୍ଧ ପରିଚାଳନା ଦାୟିତ୍ୱ ମୋର !
ଆଜି ଯୁଦ୍ଧର ସେନାପତିତ୍ୱ
ମୁଁ କରିବି । (ମହାରାଜାଙ୍କ ଜୟଧ୍ୱନୀ ଭିତରେ ମଞ୍ଚ ଅନ୍ଧାର)

Digitized by PPRACHIN, SOA

ଅଷ୍ଟମ ଦୃଶ୍ୟ

[ପୃଷ୍ଠମଞ୍ଚରୁ ରଣହୁଙ୍କାର– ଆର୍ତ୍ତଚିତ୍କାର– ପ୍ରକମ୍ପିତ ଯୁଦ୍ଧ ବାଦ୍ୟ– ରଣାଙ୍ଗନରେ ଅଶ୍ୱ ଓ ହସ୍ତୀଙ୍କର ରାବ– କୋଳାହଳ– ଯୁଦ୍ଧ ଖୁବ୍ ଜୋରରେ ଚାଲିଛି– ଜଣାପଡୁଥିଲା ଯେପରି ଅନେକ ମୃତାହତ– ହଠାତ୍ ଦ୍ରୁତ ପଦରେ ପ୍ରବେଶ କରିଛନ୍ତି କଳିଙ୍ଗ ମହାରାଜ– ଦେହସାରା କ୍ଷତ ବିକ୍ଷତ ।]

କଳିଙ୍ଗ ମହାରାଜ– ଆଃ.... କି କଷ୍ଟ
ଯନ୍ତ୍ରଣାରେ ଜଳିଯାଉଛି ମୋ ଦେହ
ଜନ୍ମଭୂମିର ସୁରକ୍ଷା ପାଇଁ ମୁଁ କିଛି କରିପାରିଲି ନାହିଁ
ହେ, ମା !
ତୋ'ର ଏ ଅଯୋଗ୍ୟ ସନ୍ତାନକୁ ଥରେ କ୍ଷମା କରିଦେ ମା' !
କ୍ଷମା କରିଦେ ।
ତୋରି କୋଳରେ ମୁଁ ଏତେ ବଡ଼ ହେଇଚି–
ତୋରି ପାଣି ପବନ ଆହାର କରି ତୋ ଠାରୁ ସବୁ ଶିଖିଛି
ଅନ୍ୟାୟ ଅନୀତିକୁ କେବେ ବି ପ୍ରଶୟ ଦେଇନୁ–
ଆଉ ତୋ'ରି ସନ୍ତାନ ହେଇ ମୁଁ କେମିତି ପାରିଥାଆନ୍ତି ?
ମା !
କୁଟ ଚକ୍ରାନ୍ତ ମିଥ୍ୟାର ଆଶ୍ରୟ ନେଇ
ଅଶୋକ ପରି
ମୁଁ ରାଜ୍ୟ ଜୟ କରିବାକୁ ପସନ୍ଦ କରିନାହିଁ
କି ଆତ୍ମରକ୍ଷା ପାଇଁବି ଛଳନା କି ଶଠତାର ଯୁଦ୍ଧ କରିନାହିଁ ।
ନ୍ୟାୟ ଯୁଦ୍ଧରେ ବିଜୟଶ୍ରୀ ମଣ୍ଡିତ ହେଲାବେଳକୁ
ଏଇ ଦେଖ୍ ମା !
ପଶ୍ଚାଦ୍‌ଭାଗରୁ ମତେ ଆକ୍ରମଣ କରି
ମତେ ଲହୁଲୁହାଣ କରିଦେଇଛି ଅଶୋକ ।
ମୋ ଜୀବନ ବିପଦାପନ୍ନ ।

Digitized by PPRACHIN, SOA

ମୁଁ ଅନୁଭବ କରୁଛି ଆଉ ମୁଁ ବଞ୍ଚିବି ନାହିଁ ।
ଆଃ....
ମୋ ଜୀବନ ଦୀପଶିଖା ଲିଭିଲିଭି ଆସୁଛି—
ଏଇ ଶେଷ ସନ୍ଧ୍ୟାରେ
ହାତଟେକି କରୁଣାମୟଙ୍କୁ ଡାକୁଛି ମା ।
ତୋରି ମାଟିର ସ୍ୱଚ୍ଛ ସିଲଟରେ
ଅଲିଭା ହେଇ ଲିପିବଦ୍ଧ ହେଉ
କଳିଙ୍ଗମାଟିର, ଆମ ପରମ୍ପରା ଆମ ଗୌରବର କୀର୍ତ୍ତି
ଶାଶ୍ୱତ ଇତିହାସର ବିବରଣୀ, ଆଉ
ଏଇ ଅନ୍ୟାୟ ଯୁଦ୍ଧ ଅଶୋକର
ବୀଭତ୍ସ କାଣ୍ଡର ନିର୍ମମ ଅପକୀର୍ତ୍ତି ।

(ମହାରାଜ ଟଳିପଡ଼ିଲେ ମଞ୍ଚ ଅନ୍ଧାର)

Digitized by PPRACHIN, SOA

ନବମ ଦୃଶ୍ୟ

[ମଗଧ ଶିବିର – ଅଶୋକ ବିଜୟ ଉଲ୍ଲାସରେ ଉତ୍‌ଫୁଲ୍ଲିତ ।]

ଅଶୋକ – (ସ୍ୱଗତଃ) କଳିଙ୍ଗରୁ ମଗଧ ଯାଏଁ
ସମସ୍ତ ଆର୍ଯ୍ୟାବର୍ତ୍ତର ମୁଁ ସମ୍ରାଟ;
ମୁଁ ସମ୍ରାଟ ଅଶୋକ
ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେଇ ରହିବ ମୋ ବୀରତ୍ୱ –
ମୁଁ ସାର୍ବଭୌମ ସମ୍ରାଟ ଅଶୋକ
ରାଜ୍ୟ ପରେ ରାଜ୍ୟ ଜୟ କରିଛି ।
କିନ୍ତୁ କଳିଙ୍ଗ ବିଜୟର ପଟାନ୍ତର ନାହିଁ –
ଏ ବିଜୟରେ ମୁଁ ଆନନ୍ଦିତ କି ଉଲ୍ଲସିତ ନୁହେଁ
ହେଲେ ମୋ ବୀରତ୍ୱ ପାଇଁ ମୁଁ ଆଜି ଗର୍ବିତ
ମଗଧ ସମ୍ରାଟ ଅଶୋକ ଇତିହାସ ସୃଷ୍ଟିକରିବ
ଇତିହାସକୁ ଚାହିଁବା ମୁତାବକ ଲେଖେଇବ – (ହସ)
ସେଇ ଇତିହାସରେ –
କଳିଙ୍ଗ ମହାରାଜ, ତମ ନାଁ ଗନ୍ଧ ବି ରହିବନି –
(ଉଲ୍ଲସିତ ହସ ଗୁପ୍ତଚରର ପ୍ରବେଶ)

ଗୁପ୍ତଚର – ପ୍ରଣାମ ଘେନାକରନ୍ତୁ, ସମ୍ରାଟ !

ଅଶୋକ – କି ସମ୍ବାଦ, ଗୁପ୍ତଚର !

ଗୁପ୍ତଚର – ମଗଧ ସୈନ୍ୟମାନେ ବିଦ୍ରୋହ କରିବାକୁ ପ୍ରସ୍ତୁତ ହେଉଛନ୍ତି ।

ଅଶୋକ – ବିଦ୍ରୋହ, ଅସମ୍ଭବ ।

ଗୁପ୍ତଚର – ଆପଣ ବିଶ୍ୱାସ କରନ୍ତୁ ସମ୍ରାଟ ।
ଯୁଦ୍ଧ ପରବର୍ତ୍ତୀ ଅବସ୍ଥା ଆଉ ପରିବେଶ ହିଁ
ଆମ ସୈନ୍ୟମାନଙ୍କୁ ଏ ଅବସ୍ଥାକୁ ଟାଣି ଆଣିଛି –

ଅଶୋକ – ମାନେ ?

Digitized by PPRACHIN, SOA

ଗୁପ୍ତଚର — ଅନାହାର, ଅର୍ଦ୍ଧାହାର, ଜଳାଭାବ ସାଙ୍ଗକୁ ମହାମାରୀ,
କେତେ ସହିବେ — କେତେ ମଗଧ ବି ଫେରିଗଲେଣି —

ଅଶୋକ — (ରାଗରେ) ସମ୍ରାଟ ଅଶୋକର ବିନା ଆଜ୍ଞାରେ ?
କଳିଙ୍ଗଠାରୁ ମଗଧ ଯାଏଁ
ସମଗ୍ର ଆର୍ଯ୍ୟାବର୍ତ୍ତରେ ପତ୍ରଟିଏ ଝଡ଼େନାହିଁ
ଅନ୍ତତଃ ଏ ଭୁଲ୍ ଆମ ସେନାନୀ କରିବେ ନାହିଁ ।

ଗୁପ୍ତଚର — ଜୀବନ ରକ୍ଷା କରିବାକୁ;
ମୃତ୍ୟୁକୁ କାହାର ଭୟ ନାହିଁ ସମ୍ରାଟ !

ଅଶୋକ — ମୃତ୍ୟୁର ଭୟ ?
କାହାକୁ ଭୟ ?
କାହିଁକି ଭୟ ?
କ'ଣ ପାଇଁ ଭୟ ?

ଗୁପ୍ତଚର — ମହାମାରୀର ଭୟ —
ଯାହା ଜଣାଯାଉଛି ଧୀରେ ଧୀରେ
ସମସ୍ତେ ବିଦ୍ରୋହରେ ସାମିଲ ହେଇଯିବେ,
ଯଦି ଯଥେଷ୍ଟ ଚିକିତ୍ସା ଆଉ ଖାଦ୍ୟ ପାନୀୟର ବ୍ୟବସ୍ଥା ନ ହୁଏ !
ତା'ହେଲେ ମହାମାରୀ ପ୍ରକୋପରୁ କେହି ବର୍ତ୍ତିବେ ନାହିଁ ସମ୍ରାଟ !

ଅଶୋକ — ଉପଯୁକ୍ତ ଚିକିତ୍ସା ଦେବାରେ
ଆମ ବୈଦ୍ୟମାନେ କ'ଣ ବିଫଳ ହେଇଛନ୍ତି ?

ଗୁପ୍ତଚର — ରୋଗୀମାନଙ୍କ ସଂଖ୍ୟା ଅନୁପାତରେ
ପାଟଳିପୁତ୍ରରୁ ଆସିଥିବା ବୈଦ୍ୟ ବହୁତ କମ୍ ।

ଅଶୋକ — ହୁଁ (ଚିନ୍ତିତ)
ତେବେ ଏଠିକାର ବୈଦ୍ୟମାନେ ।

ଗୁପ୍ତଚର — କଳିଙ୍ଗର !
ଅନେକ ତ ମରିଛନ୍ତି ଯୁଦ୍ଧରେ ।
ଯାହା ବା ବଞ୍ଚିଛନ୍ତି
ସେମାନଙ୍କର ଅସହଯୋଗ
ଆମକୁ କାଳ ହେଇଛି, ସମ୍ରାଟ !

Digitized by PPRACHIN, SOA

ଅଶୋକ— ସେମାନଙ୍କୁ ନଜର ବନ୍ଦୀରେ ରଖି
ଆମ ରୋଗୀମାନଙ୍କୁ ତ ଚିକିତ୍ସା କରାଯାଇ ପାରନ୍ତା ?
ଗୁପ୍ତଚର— କଳିଙ୍ଗ ରାଜବୈଦ୍ୟ
ଆଚାର୍ଯ୍ୟ ବାମଦେବଙ୍କ ନେତୃତ୍ୱରେ ମେଳି ହୋଇଛି ।
ରୋଗୀ ଚିକିତ୍ସା ସେମାନେ କରିବେ ନାହିଁ ।
ଅଶୋକ— ଆଶ୍ଚର୍ଯ୍ୟ !
ପରାସ୍ତ ପରେ ବି,
ସେମାନଙ୍କର ଆତ୍ମବଡ଼ିମା କମିନି—
ଗୁପ୍ତଚର— ଯେତିକି ବଞ୍ଚିଛନ୍ତି;
ସେମାନଙ୍କଠୁଁ ସାରା ବିଶ୍ୱ
ଆତ୍ମଅଭିମାନ, ସ୍ୱାଭିମାନ ଶିଖିବାର କଥା ସମ୍ରାଟ ।
ଅଶୋକ— ମାନେ ?
ଗୁପ୍ତଚର— (ନୀରବ)
ଅଶୋକ— ନୀରବ ହେଇଗଲ ଯେ ?
ଗୁପ୍ତଚର— କ୍ଷମା କରନ୍ତୁ ମଣିମା ! ସେନାପତି ବୃଷକେତୁ....
ଅଶୋକ— କ'ଣ କରୁଛନ୍ତି ସେନାପତି ବୃଷକେତୁ ?
ଗୁପ୍ତଚର— ଲଜ୍ଜା ଆଉ ଅପମାନରେ
ବୃଷକେତୁଙ୍କ କର୍ମପାଇଁ ଆମେ ମୁଣ୍ଡ ଟେକି ଚାଲିପାରୁନୁ—
ସମ୍ରାଟ !
ଅଶୋକ— କାହିଁକି ? କୁହ, ନିର୍ଭୟରେ କୁହ, ଗୁପ୍ତଚର !
ଗୁପ୍ତଚର— କଳିଙ୍ଗ ବାସୀଙ୍କର ଦେଶାତ୍ମବୋଧ
ଜନ୍ମମାଟି ପାଇଁ ଯୋଉ ମୋହ ଆଉ ତ୍ୟାଗ
ସେ କଥା ଭାବିଲେ ଆମେ ଯେ.... ।
ଅଶୋକ— ଚୁପ୍‌କର ।
ଶତ୍ରୁର ପ୍ରଶଂସା ପୁଣି ସମ୍ରାଟ ଅଶୋକ ସମ୍ମୁଖରେ ।
ଲଜ୍ଜା ଲାଗୁନି ତମକୁ—
ଆମର କ'ଣ ଭାବୁଛ; ଦେଶାତ୍ମବୋଧ ଆଉ ତ୍ୟାଗ ନାହିଁ ?
ଗୁପ୍ତଚର— ଅଛି !
କିନ୍ତୁ କଳିଙ୍ଗ ତୁଳନାରେ ନୁହେଁ
ସେନାପତି ବୃଷକେତୁ, ଆମ ମଗଧ ସୈନ୍ୟମାନେ
ଯୁଦ୍ଧ ପରେ ପରେ ବିଜୟ ଉଲ୍ଲାସରେ ଯେଭଳି ଉନ୍ମତ୍ତ ହେଇ....

Digitized by PPRACHIN, SOA

ଅଶୋକ— ଆରେ ଉନ୍ମତ୍ତ ହେବା ତ ଆନନ୍ଦର ଲକ୍ଷଣ

ଗୁପ୍ତଚର— ନା.... ସମ୍ରାଟ !
ମତେ କ୍ଷମା କରନ୍ତୁ ।
ବିଜୟ ପାଇଁ ଉନ୍ମତ୍ତ ହେବାରେ ମନା ନାହିଁ
କିନ୍ତୁ ମଦ ନିଶାରେ
ଦୁଃଖରେ ବ୍ୟଥିତ ବିଗଳିତ କଳିଙ୍ଗର ଝିଅ ବୋହୂଙ୍କ ଉପରେ
ପାଶବିକ ଅତ୍ୟାଚାର କରିବା କ'ଣ ଠିକ୍ ?
ସେନାପତି ବୃଷକେତୁ ନିଜେ ବି ଏଥିରୁ ବାଦ୍ ପଡ଼ିନାହାନ୍ତି—
ସମ୍ରାଟ !

ଅଶୋକ— ତା'ହେଲେ କଳିଙ୍ଗରେ; ମୋର ଏଇ କୁଟ ରଣ ନୀତି
ପ୍ରୟୋଗର ସୁଯୋଗରେ
ବେଶ୍ ଅତ୍ୟାଚାର ଆରମ୍ଭ କରିଦେଇଛନ୍ତି ବୃଷକେତୁ !
ଏହା ଯଦି ସତ୍ୟ ହେଇଥାଏ—
ଭୟାବହ ପରିଣତି ପାଇଁ
ବୃଷକେତୁଙ୍କୁ ପ୍ରାଣଦଣ୍ଡ ଦିଆଯିବ—

ଗୁପ୍ତଚର— ମହାମନ୍ତ୍ରୀଙ୍କ ଆଦେଶରେ ସେନାପତି ବୃଷକେତୁଙ୍କୁ ବନ୍ଦୀ କରାଗଲାଣି ।

ଅଶୋକ— ସେନାପତି ବୃଷକେତୁଙ୍କୁ ମୋ ବିଚାର ଶିବିରରେ ଅବିଳମ୍ବେ ଉପସ୍ଥିତ କରାଅ—

ଗୁପ୍ତଚର— ଯଥାଆଜ୍ଞା । ସମ୍ରାଟ !

(ପ୍ରସ୍ଥାନ)

ଅଶୋକ— (ସ୍ୱଗତଃ) ମହାମହିମ ସମ୍ରାଟ ଅଶୋକ
ନିଷ୍ଠୁର, ନିର୍ଦ୍ଦୟ, ନିର୍ମମ ହେଇପାରେ
କିନ୍ତୁ ବୃଷକେତୁ ପରି ଏତେ ଘୃଣ୍ୟ ନୀଚ ହେଇ ପାରେନା....
ନା....
ଭାବିଥିଲି ଯୁଦ୍ଧ ପରେ
ଆନନ୍ଦ ଉଦ୍‌ବେଳନରେ ଭରିଯିବ ପ୍ରାଣ—
ଶତ୍ରୁ କ୍ଷୟର ପ୍ରାୟଶ୍ଚିତ ଲାଗି କରିବି ଦାନ ଧର୍ମ
ହେଲେ ଏ ପାଷାଣ୍ଡ ବୃଷକେତୁ....

(ବୁଢ଼ିଟିଏ ଆସିଛି ଶୁଣିଛି ଅଶୋକଙ୍କର ଉକ୍ତି)

Digitized by PPRACHIN, SOA

ବୃଦ୍ଧା— କହୁଛ ପୁଅ !
ଦାନ ଧର୍ମ କରିବ ।
ଦେଇ ପାରିବ ?
ମୁଁ ଯାହା ମାଗିବି ?
ଅଶୋକ— ହଁ.... ହଁ....
ନିର୍ଭୟରେ ଯାହା ଇଚ୍ଛା ତାହା ମାଗ....
ବୃଦ୍ଧା— ମତେ ଲାଗୁଛି,
ନା.... ତମେ ଦେଇପାରିବନି—
ଅଶୋକ— ଦିଗ୍‌ବିଜୟୀ ମହାମହିମ ସମ୍ରାଟ ଅଶୋକ ପାଖରେ
ଅଦେୟ କିଛି ନାହିଁ ।
ଯାହା ମନ କହୁଛି ମାଗିପାର !
ବୃଦ୍ଧା— ତଥାପି ମତେ ପରତେ ଆସୁନି ।
ଅଶୋକ— ମାନେ ?
ତମେ ଯଦି ଚାହଁ;
ଏଇ ହୀରା ନିଳା ସ୍ୱର୍ଣ୍ଣ ଖଚିତ ରାଜମୁକୁଟ—
ଚାହିଁଲେ ରାଜ ସିଂହାସନ—
ସବୁ.... ସବୁ ଦେଇଦେବି ମୁଁ ଆଜି
ମାଗ— ମୁଁ ପ୍ରତିଜ୍ଞା କରୁଛି,
ମାଗ ଯାହା ଚାହଁ, ମାଗ ।
ବୃଦ୍ଧା— ମୋର ସେ ସବୁ କ'ଣ ହବ ?
ଧନ ଦରବ କ'ଣ ମତେ କଥାକହିବ
ସତରେ ମୁଁ ଯାହା ଚାହିଁବି ?
ତମେ ଦବ ପୁଅ !
ଅଶୋକ— ହଁ.... ହଁ.... ହଁ ।
ବୃଦ୍ଧା— (କାନ୍ଦ) ଘରର ଭେଣ୍ଡିଆ ପୁଅ ତିନିଟା ସାଙ୍ଗରେ
ମୋ ମରଦ ବି ଲଢ଼େଇକୁ ଯାଇ ଆଉ ଫେରିଲେନି—
ମୋର ଆଉ କେହି ବୋଲି କେହି ନାହିଁ—
ସବୁ ଦେଇପାରିବ କହୁଛ ପୁଅ
ମୁଁ ତମକୁ ନେହୁରା ହଉଛି—
ମୋର ସଭିଙ୍କୁ ଫେରେଇବା ଲୋଡ଼ା ନାହିଁ—

Digitized by PPRACHIN, SOA

କେବଳ ଗୋଟିଏ ପୁଅକୁ ଫେରେଇ ଦେଇ ପାରିବ ?
ଥରଟିଏ ମା ବୋଲି ମନ ଖୋଲି ଡାକିବ ସିଏ –
ତା'ରି ସେଇ ଡାକରେ
ତା'ରି କୋଳରେ ମୋ ହୀନିମାନୀ ଜୀବନ ଚାଲିଯିବ –
ମୋ ମୁହଁରେ ସିଏ ନିଆଁ ଦବ –
ମୁଁ ଖୁସିରେ ଆରପାରିକି ଚାଲିଯିବି –
କଥା ଦେଇଛ ପରା ଦିଅ –
ଫେରେଇ ଦିଅ ମୋର ଗୋଟିଏ ପୁଅକୁ –
ଫେରେଇ ଦିଅ – ଆଉ ମୋର କିଛି ଦରକାର ନାହିଁ –

ଅଶୋକ – ନା.... ନା.... ମୁଁ ପାରିବିନାହିଁ
ନା.... ଯା' ବଦଳରେ ମା' !
ତମେ ଅନ୍ୟକିଛି ମାଗ ?
ମୁଁ ଦେବି....

ବୃଦ୍ଧା – ନା....
ମୁଁ ଜାଣେ; ମତେ କଥା ଦେଇ, ନିରାଶ କରିବୁ –

ଅଶୋକ – ମତେ ଅଭିଶାପ ଦିଅ ମା !
ମୁଁ ମଥାପାତି ସହିନେବି –

ବୃଦ୍ଧା – ମୁଁ କଳିଙ୍ଗ ମାଟିର ମା' ।
ତୁ ମୋ ପୁଅ ବୟସର । ତୁ ମୋର ଯେତେ
ଶତ୍ରୁ ହେଲେ ବି ମୁଁ ତତେ ଅଭିଶାପ
ଦେଇପାରିବିନି – ନା... ।

(କାନ୍ଦ – ଦ୍ରୁତ ପ୍ରସ୍ଥାନ ଅନ୍ଧକାର)

Digitized by PPRACHIN, SOA

ଦଶମ ଦୃଶ୍ୟ

[ବୃଦ୍ଧ ଓ ସିଦ୍ଧାର୍ଥଙ୍କ ପୂର୍ବ ବର୍ଣ୍ଣିତ ଦୃଶ୍ୟ ।]

ସିଦ୍ଧାର୍ଥ– ଧନଧାନ୍ୟ ଗୋପ ଲକ୍ଷ୍ମୀରେ ଭରପୁର ସୁନାର କଳିଙ୍ଗ
ଦିନ କେଇଟାରେ କେମିତି ହତଶ୍ରୀରି ଦିଶିଲାଣି–
ସତରେ କିଏ ଯେମିତି ଅଭିଶାପ ଦେଇ ଦେଇଛି ।

ବୃଦ୍ଧ– ଅଭିଶାପ ନୁହେଁ– ଅଶୋକର ଅନ୍ୟାୟ ଯୁଦ୍ଧର ପରିଣତି
ହିଁ କଳିଙ୍ଗ ଭୋଗୁଛି
ଦୁଃଖ ଆଉ ଶୋକରେ ଫାଟି ପଡୁଥିଲା ଅଞ୍ଚଳ–
ପରାଜୟର ଚରମ ବିପର୍ଯ୍ୟୟରେ–
ଗ୍ଳାନିରେ, କ୍ଳାନ୍ତିରେ, ଘୋର ଅବସାଦରେ
ଆମେ ମୂକ ପ୍ରାୟ ବସିଥିଲୁ
ଏଇ ମୁଣ୍ଡିଆ ଉପରେ ।

ସିଦ୍ଧାର୍ଥ– ତା'ପରେ....
ବଡ଼ ବୀଭତ୍ସ ସେ ଦୃଶ୍ୟ, କଳ୍ପନାତୀତ....

ବୃଦ୍ଧ– କଳିଙ୍ଗ ପରାଜିତ ହେଲାପରେ
ତା'ର ସାର୍ବଭୌମତ୍ୱ ହରେଇଲା
କଳିଙ୍ଗର ପୂର୍ବ ଜୀବନ ସ୍ପନ୍ଦନ ଧୀରେ ଧୀରେ ସ୍ତିମିତ
ହୋଇଗଲା– କୁଢ଼ କୁଢ଼ ଶବ, ରକ୍ତନଦୀ
ଅସଂଖ୍ୟ ବିଧବା ନାରୀଙ୍କ କରୁଣ କ୍ରନ୍ଦନ ଦେଖି
ଅଶୋକର ଧୈର୍ଯ୍ୟର ବନ୍ଧ ଭାଙ୍ଗି ପଡ଼ିଲା–
ସ୍ୱାର୍ଥପର କୁଟଚକ୍ରୀ ଅଶୋକର ନିର୍ଦ୍ଦେଶରେ ଶିଳାଲେଖ
ଗୁଡ଼ିକରେ ତା'ର
ବିଜୟଗୀତି ପଥର ବକ୍ଷରେ ଖୋଦିତ ହେଲା–
ଇତିହାସରେ କଳିଙ୍ଗର କାହାରି ସ୍ମୃତି ନ ରଖିବାକୁ
ମନ୍ଦ ଚକ୍ରାନ୍ତ ହେଲା–
ଭାବିଲ ଦେଖି !
ଯୁଦ୍ଧରେ ଦିନେ ହେଲେ କ'ଣ କଳିଙ୍ଗ ବିଜୟଶ୍ରୀମଣ୍ଡିତ
ହେଇନାହିଁ ।

Digitized by PPRACHIN, SOA

କେବଳ କଳିଙ୍ଗ ପାଇକ ଜୀବନ ଦେଉଥିଲେ,
ମଗଧର କ'ଣ କେହି ମରୁ ନ ଥିଲେ,
କିଛି କ୍ଷତି ହେଉ ନଥିଲା ?
କୁଆଡ଼େ ଗଲା ସେ ସବୁର ବିବରଣୀ ?
ସବୁ ସାକ୍ଷ୍ୟ ପ୍ରମାଣକୁ ଘୋଡ଼େଇବାକୁ ଯାଇ
ଏଇ ଶିଳାଲେଖରେ ଲେଖିଚାଲିଲା
ତାରି ସ୍ମୃତି ଆଉ ଜନହିତକର କାର୍ଯ୍ୟ—
ଖାଲି ସ୍ୱାର୍ଥ.... ଆଉ ଅହଂ....

ସିଦ୍ଧାର୍ଥ— ଜନ୍ମ ମୃତ୍ୟୁର ବ୍ୟବଧାନରେ କୋଉ ମୁହୂର୍ତ୍ତରେ
ଯେ ପୂର୍ଣ୍ଣଛେଦ ପଡ଼ିଯାଏ
ମଣିଷ ଆକଳନ କରିବା ବେଳକୁ ଜୀବନ ସରିଯାଏ
ତଥାପି ଅହଂ ଆତ୍ମବଡ଼ିମା ପାଇଁ କ'ଣ ନ କରେ ସେ ?
ସତରେ ସମ୍ରାଟ ଅଶୋକ ଅଗଣିତ ନରସଂହାରରୁ
କ'ଣ ପାଇଲା ?

ବୃଦ୍ଧ— ପାଇଲା ଯଶ କୀର୍ତ୍ତି ଗୌରବ ସବୁ କିଛି

ସିଦ୍ଧାର୍ଥ— ନା....
ଅବଶୋଷର ନିଆଁରେ ତହଳ ବିକଳହେଇ
ଅବଶିଷ୍ଟ ଜୀବନ ଅନୁତାପରେ ଜଳିଥିବ ସିନା—
ଶାନ୍ତିତ ପାଇ ନଥିବ—
ଛଳନା, ଅନୀତି ଅନ୍ୟାୟର ସ୍ୱରୂପ ବୁଝୁ ବୁଝୁ
ତା'ର ଗର୍ବ ଅହଂକାରର ସୁଉଚ୍ଚ କଳ୍ପିତ ମୀନାର
କ୍ଷଣକ ଭୂକମ୍ପନରେ ଭୂଲୁଣ୍ଠିତ ହେଇଥିବ—
ନିଜକୁ ନିଜେ ପ୍ରତାରିତ କରିଛି ସେ ।

ବୃଦ୍ଧ— ତମେ ମଧ୍ୟ ଶୁଭପଦ !
ପ୍ରତାରିତ ହେଇଛ ।

ସିଦ୍ଧାର୍ଥ— ମୁଁ

ବୃଦ୍ଧ— ହଁ, ଖବର ଚାରିଆଡ଼େ ଖେଳିଗଲା ।
ମଗଧ ସେନାପତି ବୃଷକେତୁର କାମନା ଲାଳସାରେ
ଧର୍ଷିତା ହେଇ ଲଜ୍ଜା ଚରମ ଅପମାନରେ
ଦୟାଗର୍ଭରେ ଆତ୍ମବିସର୍ଜନ ଦେଇଛି ମୋ ଚିତ୍ରଲେଖା ।

Digitized by PPRACHIN, SOA

ସିଦ୍ଧାର୍ଥ— ଚିତ୍ରଲେଖା ! (ଚମକି ପଡ଼ିଛି)

ବୃଦ୍ଧ— ମୋ ପରି ସିଏ ମଧ୍ୟ
ଏବେ ବି ଅଶରୀରୀ
ମୁକ୍ତିଲାଗି
ମୋକ୍ଷପାଇଁ
ସେ ବି ଘୂରିବୁଲୁଛି—

ସିଦ୍ଧାର୍ଥ— ଚିତ୍ରଲେଖା ସହ ଆପଣଙ୍କ ସମ୍ପର୍କ ?

ବୃଦ୍ଧ— ସମ୍ପର୍କ ତ ରକ୍ତର—
ତା'ର ନିଷ୍ପ୍ରାଣ ନିର୍ଜୀବ ଶରୀରଟା
ଯେତେବେଳେ ଏଇ ଦୟାନନ୍ଦୀ ଗର୍ଭରେ ଭାସିଉଠିଲା—
ବାପ ହେଇ ମୁଁ ସିନା ଧୈର୍ଯ୍ୟ ଧରିଲି
ହେଲେ; ଶୁଭପଦ !
ତମେ ପାରିଲନି....
ପାଗଳ ହେଇଗଲ.... ପାଗଳ ।

ସିଦ୍ଧାର୍ଥ— ପାଗଳ !
ମୁଁ....

ବୃଦ୍ଧ— ଯୁଦ୍ଧର ବିବରଣୀ ସଂଗ୍ରହ ସେଇଠୁ ଅଧୁରା ରହିଗଲା ।
ତା'ପରେ ସବୁ ଓଲଟପାଲଟ ହେଇଗଲା ।
ଅଶୋକ ଯୁଦ୍ଧର ତାଣ୍ଡବଲୀଳାର ଅନୁଶୋଚନା ଓ ଅନୁତାପରେ ଭାଙ୍ଗିପଡ଼ି
ବୌଦ୍ଧଭିକ୍ଷୁ ସନ୍ୟାସୀ ଉପଗୁପ୍ତଙ୍କ ଶରଣାପନ୍ନ ହେଇ
ପୁରୁଷୋତ୍ତମରୁ ଫେରୁଥିଲା— ମନରେ ତା'ର ଥିଲା
ଗଭୀର ମର୍ମବେଦନା ଜ୍ୱାଳା,
କିନ୍ତୁ
ତମର କ୍ରୋଧ ଶାନ୍ତ ହେଇ ନଥିଲା ଶୁଭପଦ !
ତମେ ଥିଲ ପ୍ରତିଶୋଧ ପରାୟଣ ।

(ଅନ୍ଧାର)

Digitized by PPRACHIN, SOA

ଏକାଦଶ ଦୃଶ୍ୟ

[ରାଜପଥ— ଅଶୋକ ଓ ଉପଗୁପ୍ତ କସା ଦେବର ବସ୍ତ୍ର ପିନ୍ଧିଥିବେ— ଉଭୟେ ଲଣ୍ଡିତ]

ଅଶୋକ— ଗୁରୁଦେବ !
ଜଗତରେ ମୋ ଭଳି ପାପୀ ବୋଧହୁଏ ଜନ୍ମ ହେବେନି
ମୋ ଅତୀତକୁ ଯଦି କିଏ କେବେ ଦେଖେ
ତେବେ ମତେ ଘୃଣା କରିବ
ଏଣୁ ମୁଁ ଏଇ ଜୀବନର ଘନଘୋଟ ଅନ୍ଧାର ଭିତରେ
ଆପଣଙ୍କୁ ପାଇଛି
ମତେ ଆଲୋକର ପଥ ଦେଖାନ୍ତୁ ।

ଉପଗୁପ୍ତ— ଆଲୋକର ସ୍ୱଚ୍ଛ ନିର୍ମଳ ପଥ ଅନୁସରଣ କରିବାକୁ ହେଲେ
ପ୍ରଥମେ ଆତ୍ମଦର୍ଶନ କର ସମ୍ରାଟ !
ନିଜକୁ ନିରୀକ୍ଷଣ କର,
ବାରମ୍ବାର ନିଜ ସହ କଥା ହୁଅ

ଅଶୋକ— ପାରୁନି ଗୁରୁଦେବ !
ମତେ ଆତ୍ମଦର୍ଶନର ସୂତ୍ର ବତାଅ !
ତା' ବଦଳରେ ଆପଣ ଯାହା ଚାହିଁବେ ମୁଁ ଦେବି

ଉପଗୁପ୍ତ— ଜାଣେ; ତମେ ସାର୍ବଭୌମ ସମ୍ରାଟ !
ଯାହା ଚାହିଁବି, ତାହା ଦେଇପାରିବ—
ଦେଇପାରିବ ମତେ ଅଗଣିତ ମୃତ କଳିଙ୍ଗ ବାସୀଙ୍କୁ ?
ଫେରେଇ ଦେଇପାରିବ ?
ସେମାନଙ୍କ ଜୀବନକୁ ?

ଅଶୋକ— ଓଃ.... ଆଉଜଣେ ବୃଦ୍ଧା ବି
ଏମିତି ଅନୁରୋଧ କରି ମତେ ଅନୁତାପର ଦାବାନଳ କୁ ଠେଲିଦେଇ
କୁଆଡ଼େ ଚାଲିଗଲା ସେଦିନ
(ଶତ ବୃଶ୍ଚିକର ଦଂଶନ ଯେପରି ଅଶୋକ ଅନୁଭବ କରୁଥିଲେ)

Digitized by PPRACHIN, SOA

ଉପଗୁପ୍ତ – ସାର୍ବଭୌମ ସମ୍ରାଟ !!
ଅହଂକାରର ପାହାଡ଼ଟପି
ଲକ୍ଷ୍ମଣରେଖାର ଡିନିଗାର ଡେଇଁ
କିଛି ଦେଇପାରେନା ।
କିନ୍ତୁ ବତ୍ସ! ମୋ ପରି ସାମାନ୍ୟ ଭିକ୍ଷୁ
ଅନନ୍ତର କରୁଣା କୃପାରୁ ସବୁ ଦେଇପାରେ.... ସବୁ ।
ଏଇଥି ପାଇଁ କପିଳବାସ୍ତୁର ଗୌତମ
ରାଜକୀୟ ପ୍ରାଚୁର୍ଯ୍ୟ ତ୍ୟାଗ ଛାଡ଼ି
ଜୀବନ ଦର୍ଶନକୁ ବୁଝି ଆଦରି ନେଇଥିଲେ ସନ୍ୟାସ
ଆଜିର ମଣିଷ କାଲି କ'ଣ ହେବ ?
ଦେଇ ପାରିବ ଯା'ର ଉତ୍ତର ?
ଆଜିର ଜୟ....
ସବୁଦିନ ତମକୁ ବିଜୟଶ୍ରୀ ମଣ୍ଡିତ କରି ରଖିପାରିବନି
ଆଜିର କ୍ରୋଧର ପ୍ରଚଣ୍ଡ ଦାବାଗ୍ନି ସବୁଦିନ ପାଇଁ
ପ୍ରଜ୍ୱଳିତ କରି ରଖିପାରିବନି
ସେଠି ଶାନ୍ତି, ଦୟା କ୍ଷମା, ମାନବିକତାର ଚିରନ୍ତନ ସ୍ରୋତକୁ
ବତ୍ସ, ତମେ ଚାହିଁଲେ ବି ପ୍ରତିରୋଧ କରିପାରିବ ନାହିଁ–
କୁହ ବତ୍ସ, ତମେ ଚାହିଁଲେ
କ'ଣ ତମେ ମୃତ୍ୟୁଞ୍ଜୟୀ ହେଇ ରହିପାରିବ ?

ଅଶୋକ – କ୍ଷମା କରନ୍ତୁ ଗୁରୁଦେବ !
କ୍ଷମା କରନ୍ତୁ –

ଉପଗୁପ୍ତ – କାମନାର କଳୁଷ ତମକୁ ମୋହଗ୍ରସ୍ତ କରିଛି
ପ୍ରଭୁ ତଥାଗତ
ତମକୁ ଦିଗ୍‌ଦର୍ଶନ ଦିଅନ୍ତୁ, ସହାୟ ହୁଅନ୍ତୁ

(ଅନ୍ତରାଳରୁ ଭାସି ଆସିଲା –
ବୁଦ୍ଧଂ ଶରଣଂ ଗଚ୍ଛାମି
ଧର୍ମ୍ମଂ ଶରଣଂ ଗଚ୍ଛାମି
ସଂଘଂ ଶରଣଂ ଗଚ୍ଛାମି....
(ଶିଦ୍ଧାର୍ଥର ପ୍ରବେଶ, ଅଶୋକଙ୍କୁ ଆକ୍ରମଣ –
ଉପଗୁପ୍ତଙ୍କ ବାରଣ)

Digitized by PPRACHIN, SOA

ଅଶୋକ— ଆସ ଯୁବକ ! ଆସ
ଅଶୋକ ତମ ସମ୍ମୁଖରେ
ନତଜାନୁ ହେଇ ଠିଆ ହେଇଛି
ମୋର କଳଙ୍କିତ କୃତକର୍ମ ଲାଗି
ପ୍ରତିଶୋଧ ନିଅ
ମୋର ରକ୍ତରେ ପ୍ରତିଶୋଧର ବହ୍ନି ନିର୍ବାପିତ କର
ଆଜି ହେଉ ଅହଂକାରୀ ସାର୍ବଭୌମ ସମ୍ରାଟ ଅଶୋକର
ବୀର କଳିଙ୍ଗ ମାଟିରେ ଶେଷଦିନ—
ଏଇ ପବିତ୍ର ମାଟିରେ ମିଶିଗଲେ,
ମୋର ପ୍ରାୟଶ୍ଚିତ ହେଇଯିବ—

ସିଦ୍ଧାର୍ଥ— ନା... ତମର ଏ ମିଛ, ଛଳନା ପ୍ରତାରଣା
କିନ୍ତୁ, ଏଇ ପ୍ରତାରଣାରେ ଭୁଲିବା ଲୋକ ମୁଁ ନୁହେଁ
ମୁଁ ଆସିଛି ପ୍ରତିଶୋଧ ନେବାକୁ ।
ପ୍ରାୟଶ୍ଚିତ କରିବ ତମେ— ତା'ର ଅର୍ଥ ତମେ ଜାଣ ?
ସାମାନ୍ୟ ସ୍ୱାର୍ଥ— ପ୍ରଭୁତ୍ୱ ପାଇଁ,
ଯିଏ ପତ୍ନୀଠାରୁ ପତି, ମା ଠାରୁ ପୁଅ,
ଭଉଣୀଠୁଁ ଭାଇକୁ ଛଡ଼େଇ ନେଲା
ନିରୀହ ନିଷ୍ପାପ ମଣିଷଗୁଡ଼ାଙ୍କୁ ହତ୍ୟାକଲା—
ଦୟାନଦୀର ନୀଳ ଜଳକୁ ରକ୍ତ ରଞ୍ଜିତ କରିଦେଲା
ସିଏ ରାତାରାତି ଚଣ୍ଡାଶୋକରୁ
ଭେରୀଘୋଷ ଛାଡ଼ି ଧର୍ମଘୋଷ ଚଳେଇ
ଧର୍ମାଶୋକରେ ରୂପାନ୍ତରିତ ହୋଇଯିବ—
ଚମତ୍କାର.... (ହସ ପୁଣି ମାରିବାକୁ ଉଦ୍ୟତ)
ତମର ସବୁ ପ୍ରତାରଣାର ଅନ୍ତ ହେବ ମୋ ହାତରେ

ଉପଗୁପ୍ତ— ଶାନ୍ତହୁଅ....
କ୍ରୋଧମୁକ୍ତ ହୁଅ.... ଯୁବକ !
ମନେରଖ କାମନାର ବିନାଶରେ ଯେ ଦୁଃଖର ବିନାଶ

ସିଦ୍ଧାର୍ଥ— ଧର୍ମ ନାଁରେ ନରାଧାମ ଅଶୋକକୁ
ଦେବାନାଂ ଦେବପ୍ରିୟଦର୍ଶୀ ସଜେଇ
ଭାବିଛ ବୌଦ୍ଧ ସନ୍ୟାସୀ ମତେ ଠକିଦବ ?

Digitized by PPRACHIN, SOA

ଉପଗୁପ୍ତ — ତମେ ଅଜ୍ଞାନ ବଶତଃ କ୍ରୋଧରେ
ଅସ୍ଥିର ହେଉଛ —

ସିଦ୍ଧାର୍ଥ — ନା.... ମୁଁ ସଜ୍ଞାନ —
ମୁଁ ତାଙ୍କୁ ହତ୍ୟା କରିବି —

ଅଶୋକ — ମୁଁ ପ୍ରସ୍ତୁତ ଯୁବକ !
ତମର ଶାସ୍ତି ମୁଁ ସାଦରେ ଗ୍ରହଣ କରିବି
ଖଡ୍ଗ ଉତ୍ତୋଳନ କର....
ମୁ ପାପମୁକ୍ତ ହୋଇଯାଏ ।

ସିଦ୍ଧାର୍ଥ — ଛଳନା
ରାଜକୀୟ ବେଶ ତ୍ୟାଗ କରି;
ଏଇ ଚୀବର କସା ବସ୍ତ୍ର ପିନ୍ଧି
ଭାବିଛ. ପାପମୁକ୍ତ ହେଇଯିବ ?
କଳିଙ୍ଗକୁ ତମେ ନ୍ୟାୟଯୁଦ୍ଧରେ,
ବାହୁବଳରେ ଅଧିକାର କରିନାହଁ
ଦସ୍ୟୁପରି ଅଧିକାର କରିଛ
ତମେ ଯୋଦ୍ଧା ନୁହେଁ
ତମେ ଦସ୍ୟୁ
ତମେ ଆତତାୟୀ ହତ୍ୟାକାରୀ
କଳିଙ୍ଗର ଧନସମ୍ପତ୍ତି ଅନ୍ନ ଲୁଣ୍ଠନ କରି
ହତ୍ୟାର ତାଣ୍ଡବଲୀଳା ସୃଷ୍ଟିକରିଛ —

ଉପଗୁପ୍ତ — ଯୁବକ ! ଏ ଦୁନିଆରେ ଜୀବନ ଅସ୍ଥାୟୀ, ଅନିଶ୍ଚିତ —
ସମସ୍ତଙ୍କର ନେବାର ଅଛି, ଦେବାର ସାମର୍ଥ୍ୟ କାହାର ଅଛି,
ମଣିଷ ଅସହାୟ ତମେ ଶାନ୍ତ ହୁଅ —
ଅଶୋକ ପାପମୁକ୍ତ ହେଇଛନ୍ତି;
ଧଉଳିରୁ ପୁରୁଷୋତ୍ତମ ଯାଏ
ସେ ଖାଲିପାଦରେ ମୋ ସହ ଚାଲି ଚାଲି ଆସିଛନ୍ତି
ବାଟଯାକ ତାଙ୍କୁ ଅମାନୁଷିକ ଭାବରେ ଆକ୍ରମଣ
ହେଉଛି ତଥାପି ଯୁବକ ! କୋଉଠି ହେଲେ ସେ ପ୍ରତିବାଦ
କରିନାହାନ୍ତି —

Digitized by PPRACHIN, SOA

ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି –
ଅଶୋକ ମହୋଦଧିରେ ସ୍ନାନ କରି ଅତୀତକୁ ବିସର୍ଜନ କରିଛନ୍ତି
ବୌଦ୍ଧଧର୍ମରେ ଦୀକ୍ଷିତ ହେଇଛନ୍ତି –
ଯୋଡ଼ ହସ୍ତରେ କ୍ଷମା ମାଗି ଚାଲିଛନ୍ତି
ଅନୁତାପ ଅନୁଶୋଚନାର ତୀବ୍ର ଅନଳରେ ଜଳି ଜଳି
ସେ ଆଜି ଶୁଦ୍ଧ ସୁବର୍ଣ୍ଣ ପାଲଟି ଯାଇଛନ୍ତି –

ସିଦ୍ଧାର୍ଥ – ଅନୁତାପ.... ଅନୁଶୋଚନା....
କ'ଣ ମିଳିବ ସେ ଅନୁଶୋଚନାରୁ ? ଅନୁତାପରୁ ?
ଫେରେଇ ଦେଇ ପାରିବ ଅଶୋକର ଏଇ ଅନୁତାପ
ହଜାର ହଜାର ସନ୍ତାନହରା ମା'ଙ୍କୁ ତାର ମୃତ ପୁଅକୁ ?
ସାର୍ବଭୌମ ସମ୍ରାଟ ଫେରେଇ ଦେଇପାରିବ
ମୋ ମା' ମାଟିର ବୀର ପାଇକଗଣଙ୍କୁ ?
ତମର ଏଇ ପରିବର୍ତ୍ତିତ ନିଷ୍ପାପ ଧର୍ମାଶୋକ
ଫେରେଇ ଦେଇପାରିବ ମୋର ଜ୍ଞାତି ପରିଜନ
ଦେଶବାସୀଙ୍କୁ ? ମୋ ଚିତ୍ରଲେଖାକୁ ?

ଉପଗୁପ୍ତ – 'ଅକ୍‌କୋଛିମଂ ଅବଧି ମଂ ଅଜିନଂ ମଂ ଅହାସି ତୋ
ଯେତେତଂ ଉପନହ୍ୟନ୍ତି ବେରଂ ତେସଂ ନସମମତି ।'
ମନ ସ୍ଥିର କର, ଶାନ୍ତ ହୁଅ, ଆପଣାଛାଏଁ ତମେ କ୍ରୋଧମୁକ୍ତ ହୋଇଯିବ
ଯିଏ ଯାଇଛି ସେ ତ ଆଉ ଫେରିବ ନାହିଁ –
ଆତ୍ମା ନିତ୍ୟ ଜାତ ହେଉଛି; ମୃତ ହେଉଛି
ତମେ ବିଷାଦଗ୍ରସ୍ତ ହେଲେ ଖାଲି ଦୁଃଖ ପାଇବ
ନିଜେ ନିଜର ବୈରତାକୁ ନିମନ୍ତ୍ରଣ କରିନ –
"ନହି ବେରେନ ବେରାନି ସୀମ୍ମନ୍ତାଧକୁଦାଚନମ୍
ଅବେରଣ ଚ ସମ୍ମମନ୍ତି ଏସ୍ ଧମ୍ମୋ ସନନ୍ତ ନୋ ।"
ନିଜର ଆତ୍ମଜ୍ଞାନ ବଳରେ ଆତ୍ମଦର୍ଶନ କର –
ଶତ୍ରୁଭାବର ବିଲୋପ ଘଟିବ –
ଏ ଦେହ ପଞ୍ଚଭୂତରୁ ଜାତ –
ସୁତରାଂ ଶୋକରେ ଦଗ୍ଧୀଭୂତହେଇ

Digitized by PPRACHIN, SOA

କୋପରେ ଅଶୋକଙ୍କୁ ହତ୍ୟା କରିବାକୁ ଉଦ୍ୟତ ହୁଅନାହିଁ;
କ'ଣ ପାଇବ ସେଥିରୁ ? ଶାନ୍ତି ? ପାଇବ ଆତ୍ମତୃପ୍ତି ?
ନା– ବରଂ ଆମନ୍ତ୍ରଣ କରିବ ଦୁଃଖ, ଯନ୍ତ୍ରଣା ଆଉ ଅନୁଶୋଚନା
ଅନୁତାପର ମୁଠା ମୁଠା ଅବଶୋଷ ।
ସେତେବେଳେ ଏଇ ସମ୍ରାଟ ଅଶୋକଙ୍କ ପରି ବି
ହାତ ପାଆନ୍ତାରୁ ଖସିଯିବ
ତମ ଆତ୍ମବଳ, ବିଶ୍ୱାସର ଭିତ୍ତିଭୂମି–
ଆଧ୍ୟାତ୍ମିକ ଉତ୍ତରଣର ସମସ୍ତ ସମ୍ଭାବନା ।

ସିଦ୍ଧାର୍ଥ– ନା....ପାରିବିନି.... (ଦୀର୍ଘଶ୍ୱାସ)
ମୁଁ ଭୁଲକରିଛି, ସନ୍ନ୍ୟାସୀ ! (ହାତରୁ ଅସ୍ତ୍ର ଖସିଯାଇଛି)
କଳିଙ୍ଗବାସୀ ମାନବିକତା ବୁଝେ–
ଯୋଉ ଜାତିର ଜନକ ପଥପ୍ରଦର୍ଶକ
ଦିଗ୍‌ଦର୍ଶକ, ନିଜେ ସ୍ୱୟଂ ଜଗନ୍ନାଥ
ମାନବୀୟ ମୂଲ୍ୟବୋଧକୁ ସମ୍ମାନ ଜଣାଇ
ଯିଏ ବଡ଼ ଦେଉଳରୁ ରାଜଦାଣ୍ଡକୁ ଚାଲିଆସନ୍ତି;
ସେଇ କଳିଙ୍ଗ ମାଟିର; ସେଇ ଓଡ଼ିଆମାଟିର
ସନ୍ତାନ ହେଇ ମୁଁ କେବେ ବି ଭୁଲ କରିପାରିବିନି–
ମତେ କ୍ଷମାକରନ୍ତୁ ସନ୍ନ୍ୟାସୀ !

ଉପଗୁପ୍ତ– ପ୍ରଭୁ ତଥାଗତ ତମର ସହାୟ ହୁଅନ୍ତୁ
(ଅନ୍ତରାଳରୁ ଭାସିଆସୁଥିଲା)
ବୁଦ୍ଧଂ ଶରଣଂ ଗଚ୍ଛାମି
ଧମ୍ମଂ ଶରଣଂ ଗଚ୍ଛାମି
ସଘଂ ଶରଣଂ ଗଚ୍ଛାମି
(ହଠାତ୍ ଦିବ୍ୟଜ୍ୟୋତିରେ ଆଲୋକିତ ହେଲା ମଞ୍ଚ– ସେଇ ଅଦ୍ଭୁତ ଜ୍ୟୋତିକୁ ସମସ୍ତେ ଚାହିଁଥିଲେ– ଉପଗୁପ୍ତ ଆଶୀର୍ବାଦ ସୂଚକ ହାତ ଟେକିଥିଲେ– ସିଦ୍ଧାର୍ଥ ଦୂରେଇ ଯାଉଥିଲେ ମଞ୍ଚ ଅନ୍ଧାର)

Digitized by PPRACHIN, SOA

ଶେଷ ଦୃଶ୍ୟ

[ବୃଦ୍ଧ ଓ ସିଦ୍ଧାର୍ଥଙ୍କର ପୂର୍ବ ଦୃଶ୍ୟସଜ୍ଜା]

ବୃଦ୍ଧ– ଶୁଭପଦ !
ଯୁଗ ପରେ ଯୁଗ କେତେଯୁଗ ଧରି
ମୁଁ ଘୁରିବୁଲୁଛି, ଆଜି କିନ୍ତୁ ମୋର ଅବଶୋଷ ମେଣ୍ଟିଯାଇଛି–
ଆଉ ମୁଁ ଅଶରୀରୀ ହେଇ ବୁଲିବିନି,
କହୁଥିଲି ମୋକ୍ଷ– ସେଇ ମୋକ୍ଷର ପଥ–
ଆଲୋକିତ ହେଇ ଆସୁଛି ।
ମୁଁ ମୁକ୍ତି ପାଇଯିବି ଶୁଭପଦ !
ମୁକ୍ତି– ଆସ....
ସର୍ତ୍ତ ଅନୁସାରେ ତମେ ଦୟାର ଏଇ ରକ୍ତରଂଜିତ ଜଳରେ
ତିଳ ତର୍ପଣ କରି ମତେ ମୁକ୍ତି ଦିଅ– ମତେ ଯନ୍ତ୍ରଣାରୁ
ମୁକ୍ତକର ଶୁଭପଦ ! ମୁଁ ମୁକ୍ତିଚାହେଁ !

(ସିଦ୍ଧାର୍ଥ ତର୍ପଣ ଟେକିଛି ଅନ୍ତରାଳରୁ
ଉପନିଷଦର ଶ୍ଳୋକଟିଏ ଆସିଛି)
"ସ୍ଥୂଳାନି ସୂକ୍ଷ୍ମାନି ବହୁନି ଚୈବ ରୂପାଣି
ଦେହିସ୍ୱଗୁଣୟେତେ
କ୍ରିୟାଗୁଣୋହୋତ୍ମାଗୁମୋକ୍ଷ ତେଷାଂ
ସଂୟୋପହେତୁ ଅପ୍ରହଅପି ଦୃଷ୍ଟେ"
(ବୃଦ୍ଧଙ୍କର ଆତ୍ମା ମୋକ୍ଷ ହେବାର ଦୃଶ୍ୟ
ଆଲୋକରେ ଦେଖାଇ ଦିଆଯାଇପାରେ–
ବୃଦ୍ଧ ଯିବାବେଳେ ଦେଖୁଛି ରକ୍ତ ନଦୀଶଯ୍ୟାରୁ
ଚିତ୍ରଲେଖା ବାହାରିଛି ବୃଦ୍ଧ ଚିତ୍ରଲେଖାକୁ
ଡାକିଛନ୍ତି ।–
ବୃଦ୍ଧଙ୍କର ଚିତ୍ରଲେଖା ଡାକ କ୍ରମେ ଅସ୍ପଷ୍ଟ
ହେଇଆସୁଛି–
ସେଥିମଧ୍ୟରେ ଚିତ୍ରଲେଖା ସିଦ୍ଧାର୍ଥକୁ ଦେଖୁଛି)

Digitized by PPRACHIN, SOA

ଚିତ୍ରଲେଖା – ଶୁଭପଦ ! ଶୁଭପଦ !
ତମେ, ଚାଲିଯାଅନି ଶୁଭପଦ । ଆସ ! ଫେରିଆସ
ତମର ମନେ ଅଛି ନା ଶୁଭପଦ !
ଆମେ ସେଦିନ ଆଜିଭଳି ଜହ୍ନ ରାତିରେ
ନିରୋଳାରେ.... ? ରାତିଅଧଯାଏଁ ପ୍ରଥମଥର ଲାଗି ଏଇଠି ବସିଥିଲେ
ଆମର ଶେଷ ମିଳନର ସାକ୍ଷୀ ଥିଲା
ଏଇ ପୂନେଇଁ ଜହ୍ନ ....
ଏଇ ଜହ୍ନରଙ୍କା ପଉଷ ପହର....
ଆଜି ପୌଷ ପୂନେଇଁ
ଶରୀର ଧରି ବଞ୍ଚି ରହିବାର ଯନ୍ତ୍ରଣା ଅପେକ୍ଷା ଅଶରୀରୀ
ଭାବେ ବଞ୍ଚିବାର ଯନ୍ତ୍ରଣା ଯେ ଅଧିକ
ତାହା ତମେ ଅନୁଭବ କରିପାରିବନି –
ମତେ ମୁକ୍ତିଦିଅ ।

ସିଦ୍ଧାର୍ଥ – ଖାଲି ପୂର୍ଣ୍ଣିମାର ଜହ୍ନ ....
ସୁନୀଳ ଆକାଶ ....
ଦୟାର କଳ କଳ ନୀଳଜଳ – ତମର ଚୂର୍ଣ୍ଣକୁନ୍ତଳ ....
କଟିର ମେଖଳା – ଦୁଗ୍ଧଫେନନିଭ ହସ ....ଆଃ.... ନା....
ଆଉ ସେଇ କୋକିଳକଣ୍ଠ ନିନ୍ଦିତ ତମର ମଧୁମୟ କଥା –
ସବୁ ମୋର ମନେ ପଡୁଛି ।
ମନେ ପଡୁଛି ସେଦିନର କାମନା ଜର୍ଜର
ତମର ନିବିଡ଼ ଆଶ୍ଳେଷ ।

ଚିତ୍ରଲେଖା – ଜନ୍ମାନ୍ତର ପରେ ବି
ତମର ଏଇ ବିହ୍ୱଳିତ ଭାବପ୍ରବଣ ସ୍ୱଭାବରେ ଦେଖୁଛି,
କିଛି ବଦଳିନି – ତମର ଏମିତି ମିଠା କଥାରେ
ମୁଁ ଆତ୍ମହରା ହେଇପଡୁଛି
ଶୁଭପଦ !

ସିଦ୍ଧାର୍ଥ – ମୁଁ ବି ।

ଚିତ୍ରଲେଖା – ଶୁଭପଦ !

Digitized by PPRACHIN, SOA

ସିଦ୍ଧାର୍ଥ – ଆଃ....
ସତେ ଯେମିତି ମଧୁ ବର୍ଷିଯାଉଛି –

ଚିତ୍ରଲେଖା – ଇଚ୍ଛାହେଉଛି;
ମୟୂରୀ ପରି ଛନ୍ଦ ତୋଳି ନାଚିବାକୁ ।

ସିଦ୍ଧାର୍ଥ – ଆଉ ମୁଁ ? ଆକାଶର ମନଭରି ଭସା ବାଦଲ ହେଇ
ତମ ଚାରିପାଖେ ବର୍ଷିଯିବାକୁ –
(ଶାସ୍ତ୍ରୀୟ ଆଳାପ ଶୁଭେ – ଶୁଭପଦ ଘୂରିବା ଭିତରେ
ଚିତ୍ରଲେଖା ନାଚି ଚାଲୁଥିବ ଆନନ୍ଦରେ)

ଚିତ୍ରଲେଖା – ରାତିର ପ୍ରହର ଗଡ଼ି ଚାଲୁଚି

ସିଦ୍ଧାର୍ଥ – ପଶ୍ଚିମ ଦିଗବଳୟରେ ଶଶାଙ୍କ ।

ଚିତ୍ରଲେଖା – ତେବେ ରାତି ପାହିଯିବ ଚଞ୍ଚଳ ।
ମତେ ଯିବାକୁ ହବ –

ସିଦ୍ଧାର୍ଥ – ତମକୁ ଛାଡ଼ିବାକୁ ଇଚ୍ଛା ହଉନି –
ଏମିତି ଯୁଗ ଯୁଗ ବିତିଯାଉ ।

ଚିତ୍ରଲେଖା – ସେ ତପଶକ୍ତି ମୋର ନାହିଁ । ଶୁଭପଦ !
ମୁଁ ଅଶରୀରୀ
ନ ହେଲେ ଜହ୍ନକୁ କହନ୍ତି;
ରହିଯା.... ରହିଯା....

ସିଦ୍ଧାର୍ଥ – ସେଦିନ ବି ଜହ୍ନ ରହି ନ ଥିଲା,
ରାତି ପାହିଯାଇଥିଲା ।

ଚିତ୍ରଲେଖା – ମୁଁ ତମକୁ ମୁହୂର୍ତ୍ତେ ଛାଡ଼ି ପାରିବିନି କହି; କାନ୍ଦୁଥାଏ –
ତମେ କିନ୍ତୁ ଚାଲିଗଲ ସେମିତି ଅଧାହୋଇ.... ସେଇ ଅଧୁରା
ଇତିହାସ ଲେଖିବାକୁ –
ମୋ କଥା ନ ମାନି ତମେ ଚାଲିଗଲ,
କ'ଣ ମନେ ପଡୁନି ସେ ଦିନର ମୂହୂର୍ତ୍ତ ?

ସିଦ୍ଧାର୍ଥ – ହଁ, ମନେଅଛି
କଳିଙ୍ଗର ପରାଭବ –
ମୋ ମନର ଗଭୀର ଉଦ୍‌ବେଳନ
ପ୍ରତିଶୋଧର ନିଆଁ –

Digitized by PPRACHIN, SOA

ବୌଦ୍ଧ ସନ୍ୟାସୀ ଉପଗୁପ୍ତ ସହ ଅଶୋକର ପ୍ରତ୍ୟାବର୍ତ୍ତନ –
ଲଣ୍ଠିତ ଅଶୋକର ଧର୍ମାନ୍ତରୀକରଣ
କସା ଚୀବର ବସ୍ତ୍ର ପରିଧାନ ।
ତା'ପରେ ମୋର ବୌଦ୍ଧ ସନ୍ୟାସ ହେଇ ଯିବାର ଶେଷ ଦିନଗୁଡ଼ିକ ।
ସେସବୁ ମୋ ବିବରଣୀରେ ଲେଖିଥିଲି

ଚିତ୍ରଲେଖା – ତା'ପରେ ?

ସିଦ୍ଧାର୍ଥ – ମୋର କିଛି ମନେ ପଡୁନି ।

ଚିତ୍ରଲେଖା – ମନେ ନ ପଡ଼ିବା ସ୍ୱାଭାବିକ –
ବୃଷକେତୁର କୁଟଚକ୍ରାନ୍ତରେ ଆତତାୟୀମାନଙ୍କ ଦ୍ୱାରା ତମକୁ ହତ୍ୟା କରାଗଲା ।
ଖିନ୍ ଭିନ୍ କରି ଚିରି ଫିଙ୍ଗିଦିଆଗଲା
ତମର ସଂଗୃହୀତ ଇତିହାସ
ଯୁଦ୍ଧ ବିବରଣୀ ।
ତମ ଅବର୍ତ୍ତମାନରେ ମ୍ରିୟମାଣ ସନ୍ୟାସୀ ଉପଗୁପ୍ତ
ଅନଶନରେ ଦେହତ୍ୟାଗ କଲେ –
ଅଶୋକ ନିଜକୁ ସବୁଠୁଁ ଛୋଟମନେକରି ସମୟକୁ ବଡ଼ କରି ଆଉ ସବୁଦିନ ପାଇଁ ଫେରିଗଲେ ମଗଧ ।

ସିଦ୍ଧାର୍ଥ – ମୋ ମୃତ୍ୟୁପରେ ଘଟଣାର ଡୋରି ଆପେ ଆପେ ଛିଡ଼ିଗଲା ।

ଚିତ୍ରଲେଖା – କେତେ ଜନ୍ମ ତମେ ନେଇସାରିଲଣି– ଶୁଭପଦ !

ସିଦ୍ଧାର୍ଥ – ତମେ ସେଦିନୁ ଏଇଠି ରହି ସବୁ ଦେଖୁଛ;
ସବୁ ଶୁଣୁଛ ଚିତ୍ରଲେଖା !

ଚିତ୍ରଲେଖା – ହଁ,
ସେଇଦିନୁ (କାନ୍ଦ)

ସିଦ୍ଧାର୍ଥ – ତମେ କାନ୍ଦୁଛ ।
ଲେଖା !

ଚିତ୍ରଲେଖା – ହଁ; ଲୁହ ମନର କୋହକୁ ଧୋଇଦିଏ,
ହୃଦୟର ଦୁଃଖକୁ ଲିଭେଇଦିଏ ।

ସିଦ୍ଧାର୍ଥ – ଆଉ ପୁଣି କୋଉ ଦୁଃଖରେ ?

Digitized by PPRACHIN, SOA

ଚିତ୍ରଲେଖା – ଅନେକ ଦୁଃଖ –
ଅନେକ ଦୀର୍ଘଶ୍ୱାସ – ଅନେକ ବିପର୍ଯ୍ୟୟ
ଗୋଟିଏ ପରେ ଗୋଟିଏ ଏ ମାଟିରେ ଘଟି ଚାଲିଲା –
ସବୁଠୁଁ ମୋର ବଡ଼ ଦୁଃଖ ହେଲା କ'ଣ ଜାଣ ଶୁଭପଦ !

ସିଦ୍ଧାର୍ଥ – କ'ଣ ଚିତ୍ରଲେଖା ?

ଚିତ୍ରଲେଖା – ପଙ୍ଗୁ ପ୍ରାୟ ।
କଳିଙ୍ଗ ମାଟିର ଭାବି ବଂଶଧର ନୀରବରେ ସହି ଚାଲିଲା,
ଇତିହାସ ପୃଷ୍ଠାରେ ଅଶୋକର କଳିଙ୍ଗ ବିଜୟ ବିବରଣୀ
ଯେମିତି ଚିତ୍ରିତ ହେଲା ସମସ୍ତେ ବିଶ୍ୱାସ କଲେ,
କେହି ସତ୍ୟ ଉନ୍ମୋଚନ କଲେନି
ଇତିହାସରେ ତମ ନାଁ ରହିଲା ନାହିଁ ।
ୟାଠୁଁ ବଳି ଦୁଃଖ କ'ଣ ଅଛି ?
ଜନ୍ମମାଟିର ସୁରକ୍ଷା ଲାଗି
ଯୋଦ୍ଧାମାନେ ଯୁଦ୍ଧରେ ଜୀବନ ଦେଲେ
ସେମାନେ ମହୀୟାନ ନା ପରିବର୍ତ୍ତିତ ଅଶୋକ ମହାନ୍ ?
କଳିଙ୍ଗର ମହାରାଜ, ମହାମନ୍ତ୍ରୀ, ସେନାପତି ଯୋଦ୍ଧା
ପାଇକଗଣ
ସମସ୍ତେ ହଜିଗଲେ ଅଜଣା ଇତିହାସର ଗର୍ଭ ଗହ୍ୱରରେ ।

ସିଦ୍ଧାର୍ଥ – ଆଃ !
ଆମକୁ କେହି ମନେ ରଖିନାହାନ୍ତି ।

ଚିତ୍ରଲେଖା – ତମେ ମୋର ଗୋଟିଏ ଅନୁରୋଧ ରଖିବ ?
କଥାଦିଅ !

ସିଦ୍ଧାର୍ଥ – କଥା ଦଉଛି –

ଚିତ୍ରଲେଖା – ଅନ୍ତତଃ ମୋ ଆତ୍ମାର ସଦ୍‌ଗତି ପାଇଁ
ମୋ ମନର ସନ୍ତୋଷ ପାଇଁ
ଲେଖିପାରିବ;
ଲେଖିପାରିବ କଳିଙ୍ଗର ନୂଆ ଇତିହାସ
ଯାହା ଆଜି ତମେ ସ୍ୱଚକ୍ଷୁରେ ଦେଖିଲ ।

ସିଦ୍ଧାର୍ଥ – ହଁ, ମୁଁ ଲେଖିବି – ଲେଖା ! ଲେଖିବି ।

Digitized by PPRACHIN, SOA

ଚିତ୍ରଲେଖା – ସେଇଥିରେ ମୋର ହେବ ମୁକ୍ତି –
ମୋକ୍ଷପ୍ରାପ୍ତି, ଦେଖ; ମୁଁ ଆଜି ବହୁତ ଖୁସି ।

ସିଦ୍ଧାର୍ଥ – ଅନେକ କଥା ତମେ ମନେ ରଖିଛ । ଚିତ୍ରଲେଖା – ଭୁଲିବାର ଛାତିରୁ ସେ ସବୁ ବା ହଜିବ କାହିଁକି ? ସେଠି ପରା ସବୁ ସାଇତି ହୁଏ
ମଗଧ ସେନାପତି ଦୁଷ୍ଟ ବୃଷକେତୁର
କାମନା ଲାଳସାରେ ଶିକାର ହେଇ
ମୁଁ ଡେଇଁ ପଡ଼ିଲି ଦୟା ଗର୍ଭକୁ –
ସେଇଦିନୁ ଭୂଇଁରେ ମୋ ଗୋଡ଼ ଲାଗୁନି –
ଚେଷ୍ଟା କଲେ ବି ପାରୁନି – ମୁଁ ଘୁରିବୁଲୁଛି – ସେଇଦିନୁ
ମୁଁ ଆସୁଛି.... ଶୁଭପଦ ! ତମେ ଫେରିଯାଅ ଶୁଭପଦ ! ଫେରିଯାଅ –
ଭୟକରନା (ପୃଷ୍ଠ ମଞ୍ଚରୁ ନାରୀକଣ୍ଠର କାନ୍ଦ)

ସିଦ୍ଧାର୍ଥ – କିନ୍ତୁ
ପୁଣି ଦୟାନଦୀର ଏଇ ବୁକୁଫଟା କାନ୍ଦ –

ଚିତ୍ରଲେଖା – ଦୟାର ଏଇ ରକ୍ତନଦୀ ନୀଳ ନଦୀରେ
ରୂପାନ୍ତରିତ ନ ହେବା ପର୍ଯ୍ୟନ୍ତ
ଦୟା ଏମିତି କାନ୍ଦିବ – ତମେ ଲେଖ, ସେଇ ମିଥ୍ୟାର ଅନ୍ଧକାରରେ
ଲୁଚିରହିଥିବା ସତ୍ୟର ଆଲୋକକୁ ପ୍ରଜ୍ଜ୍ୱଳିତ କର –
ସବୁ ଠିକ୍ ହେଇଯିବ (ଚିତ୍ରଲେଖାର ହସର କୁଣ୍ଡଳି ମଧ୍ୟରେ ରାତି ପାହିଯିବ – ଚିତ୍ରଲେଖା ଦୂରେଇଯିବ – ଦୟାନଦୀର ଜଳ ନୀଳ ହେଇଯିବ)

ସିଦ୍ଧାର୍ଥ – ଚିତ୍ରଲେଖା ! ଲେଖା.... ଚିତ୍ରଲେଖା.... ଚିତ୍ରଲେଖା....
ଶୁଣ.... ଶୁଣ.... ମୁଁ ଶୁଭପଦ ଡାକୁଛି.... ଶୁଣ.... ଶୁଣ....
ମୁଁ ତମ ସାଙ୍ଗରେ ଯିବି
(ଆଗେଇଯିବା) ଚିତ୍ରଲେଖା.... ଲେଖା....

ଡଃ ଦାସ – (ପ୍ରବେଶ) ସିଦ୍ଧାର୍ଥ.... ସିଦ୍ଧାର୍ଥ....

ସିଦ୍ଧାର୍ଥ – କିଏ ସିଦ୍ଧାର୍ଥ ? ଆପଣ କିଏ ?

Digitized by PPRACHIN, SOA

ଡଃ ଦାସ— ମୁଁ ଡଃ ଦାସ.... ତମର ଗାଇଡ୍ ।
ସିଦ୍ଧାର୍ଥ— ମୁଁ ବିବରଣୀ ଲେଖିବି....
ମତେ ଛାଡ଼ିଦିଅନ୍ତୁ.... ରାତି ପାହିଯାଉଛି
ମତେ ଲେଖିବାକୁ ପଡ଼ିବ ।
ଡଃ ଦାସ— ତମେ ସବୁ ଲେଖି ସାରିଛ....
ତମେ ଆଉ ଶୁଭପଦ ନୁହେଁ ସିଦ୍ଧାର୍ଥ
ସିଦ୍ଧାର୍ଥ— ନା ମୁଁ ସିଦ୍ଧାର୍ଥ ନୁହେଁ....
ନା....
ଶୁଭପଦ ଆଉ ସିଦ୍ଧାର୍ଥ ଭିତରେ ଅନେକ ଦୂରତ୍ୱ !
ଡଃ ଦାସ— ସେ ଦୂରତ୍ୱ ଆଜି ଅତିକ୍ରାନ୍ତ....
ଦୟାନଦୀ ଆଜି କାନ୍ଦୁନି— ବରଂ ସ୍ରୋତସ୍ୱିନୀ—
ସ୍ରୋତରେ ଫୁଟିଉଠୁଛି ହସର ପାରିଜାତ— ଦେଖ ସିଦ୍ଧାର୍ଥ !
ଦେଖ ।
ତମେ ପ୍ରକୃତିସ୍ଥ ହୁଅ—ତମେ ଥିଲ ଜନ୍ମଜନ୍ମାନ୍ତର ବାଦ ଭିତରେ ଅନନ୍ୟ ବ୍ୟକ୍ତିତ୍ୱ । ପ୍ରକୃତରେ ତମେ ଶୁଭପଦ— ଆଉ ଆଜିର ସିଦ୍ଧାର୍ଥ—
ସିଦ୍ଧାର୍ଥ— (ନୀରବ)
ଡଃ ଦାସ— ଆରେ ଚୁପ୍ ହେଇଗଲ ଯେ ?
ତମେ ଧଉଳିରେ ନାହଁ ସିଦ୍ଧାର୍ଥ !
ତମେ ମୋ ଡ୍ରଇଁଗୁମ୍‌ରେ
ସିଦ୍ଧାର୍ଥ— ସାର୍ !
ଡଃ ଦାସ— ଆସ....
ବିଦେଶ ଯିବାକୁ ସମସ୍ତ ପ୍ରସ୍ତୁତି ତମ୍‌କୁ ଅପେକ୍ଷା କରିଛି ।
(ପ୍ରଣାମ କରିଛି ସିଦ୍ଧାର୍ଥ ଅନ୍ତରାଳରୁ ଶୁଭିବ)
ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ
ଗୁରୁଦେବ ମହେଶ୍ୱର
ଗୁରୁ ସାକ୍ଷାତ ପରଂବ୍ରହ୍ମ
ତସ୍ମୈ ଶ୍ରୀ ଗୁରୁବେ ନମଃ ।

— ଯବନିକା —

Digitized by PPRACHIN, SOA

ଜନ୍ମ– ୧୯୫୫ । ମଞ୍ଚ, ଦୂରଦର୍ଶନ ଓ ବେତାର ନାଟ୍ୟକାର ଭାବରେ ସୁପରିଚିତ । ତିନୋଟି ନାଟକ (୧୯୯୪) ଆହତ ଆଲୋକ (୧୯୯୭) ଓ ନିର୍ବାଚିତ ବେତାର ନାଟକ (୧୯୯୯) ପୁସ୍ତକ ଆଗରୁ ପ୍ରକାଶିତ । ରବୀନ୍ଦ୍ରମଣ୍ଡପ ଭୁବନେଶ୍ୱରରେ ଅନୁଷ୍ଠିତ ସଚିବାଳୟ ମିଳିତ ସାଂସ୍କୃତିକ ପରିଷଦ ଓ ଆନ୍ତଃବିଭାଗୀୟ ନାଟକ ପ୍ରତିଯୋଗିତାରେ ୧୯୮୪, ୧୯୯୨, ୧୯୯୭ ଓ ୧୯୯୮ ବର୍ଷରେ ଶ୍ରେଷ୍ଠ ନାଟ୍ୟକାର ଭାବରେ ପୁରସ୍କୃତ ଏବଂ ବହୁଭାଷୀ ସର୍ବଭାରତୀୟ ନାଟକ ପ୍ରତିଯୋଗିତାରେ ୧୯୯୮ ଓ ୧୯୯୯ରେ ନାଟ୍ୟକାର ଭାବରେ ସମ୍ବର୍ଦ୍ଧିତ ।

ଓଡ଼ିଶାର ପ୍ରମୁଖ ସମ୍ବାଦପତ୍ର ପତ୍ରପତ୍ରିକାରେ ନାଟ୍ୟକାରଙ୍କର ବହୁ ପ୍ରବନ୍ଧ ଓ ଗଳ୍ପ ପ୍ରକାଶ ପାଇ ପାଠକୀୟ ସ୍ୱୀକୃତି ହାସଲ କରିଛି ।

ଦୂରଦର୍ଶନରେ ପ୍ରସାରିତ ବହୁ ତାର୍କିକ ଓ ବୌଦ୍ଧିକ ଆଲୋଚନାର ସଂଯୋଜକ ଭାବେ ନାଟ୍ୟକାରଙ୍କର ଯୋଗଦାନ ତାଙ୍କ ସାରସ୍ୱତ ଯାତ୍ରାର ଆଉ ଏକ ସଙ୍କେତ ବହନ କରେ ।

ବିଦ୍ୟାପୁରୀ

ବାଲୁବଜାର, କଟକ ୭୫୩୦୦୨

ISBN 81-7411-304-5

ଟ ୩୫.୦୦

Digitized by PPRACHIN, SOA